AMARISATYA
Estd.: 2006
ODISHA

ମାସିକ ଇ-ପତ୍ରିକା

# ଆମ କବିତା

❖ ଦ୍ୱିତୀୟ ବର୍ଷ
❖ ପଞ୍ଚମ ସଂଖ୍ୟା
❖ ମଇ ୨୦୨୩



OPEN

Home Delivery
available

# TASTY DOTS

## MORE FOOD, MORE LIFE



**TANDOOR**



**BIRYANI**



**CHINESE**



**INDIAN**

## VISIT AGAIN

Place your Order
9777030560

M5/23. Near Essura Drug House
Acharya Vihar. Bhubaneswar

# ଆମ କବିତା

ଦ୍ୱିତୀୟ ବର୍ଷ ❖ ପଞ୍ଚମ ସଂଖ୍ୟା ❖ ମଇ ୨୦୨୩

**ମାର୍ଗଦର୍ଶକ**

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

**ସମ୍ପାଦକ**

**ନିଶିକାନ୍ତ କହଲସିଂହ**

**ଉପଦେଷ୍ଟା ମଣ୍ଡଳୀ**

ସମରଜିତ ପଟ୍ଟନାୟକ

ବାବାଜୀ ଜେନା

ବିଭୁପ୍ରସାଦ ହରିଚନ୍ଦନ

ଡ. ରଶ୍ମୀରଞ୍ଜନ ନାଥ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଈ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

ପ୍ରୀତମ ବଳିୟାରସିଂହ

ଆମରି ସତ୍ୟ

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା

ଯୋଗାଯୋଗ : ୯୪୩୭୨୮୧୬୫୫, **email : amarisatya@gmail.com**

# ସମ୍ପାଦକୀୟ



ପ୍ରତାରଣା...........
ପ୍ରତିଶ୍ରୁତିର ବ୍ୟତିକ୍ରମ ମାତ୍ର.......
ହୋଇପାରେ ନିଜ ସହ......
ଅଥବା ଅନ୍ୟ ସହ........
ହୋଇପାରେ...... ପ୍ରେମରେ
ପ୍ରେମିକ\ପ୍ରେମିକା ସହିତ,
ହୋଇପାରେ ପ୍ରେମର ରଜ୍ଜୁରେ ବନ୍ଧା
ଯେ କେହି ମଧୁର ସମ୍ପର୍କୀୟଙ୍କ ସହିତ...... ।
ସେ ଆସେ...........
କେବେ ଅତର୍କିତ ଭାବରେ ତ
କେବେ ଚତୁରତାର ସହ
ପୂର୍ଣ୍ଣ ପ୍ରସ୍ତୁତିରେ.........,
ତା' ଆଗମନରେ -
ବିଶ୍ୱାସରେ ମିଶେ ବିଷ.......
ଭରସାର ହୁଏ ଅନ୍ତ......... ।
ଶାସକ ଠାରୁ ଶାସିତ.......
ଛାତ୍ର ଠାରୁ ଶିକ୍ଷକ........
ପ୍ରେମିକା ଠାରୁ ପ୍ରେମିକ......
ମିତ୍ର ଠାରୁ ମିତ୍ର........
ଭାଇ ଠାରୁ ଭାଇ\ଭଉଣୀ.......
ସନ୍ତାନ ସନ୍ତତିଙ୍କଠାରୁ ପିତାମାତା......
ସ୍ଥଳ ବିଶେଷରେ ଓଲଟା ଦିଗରେ -
ପ୍ରତାରିତ ସଭିଏଁ........,
ପ୍ରତାରଣା ଅତି ସାଧାରଣ....... ।

ଏହି ସବୁଠାରୁ ଅତ୍ୟନ୍ତ ଭୟଙ୍କର
ଆତ୍ମପ୍ରତାରଣା..........,
ନିଜକୁ ନିଜେ ପ୍ରତାରିତ କରିବାର
ଅଲୋଡ଼ା ମାନସିକତା..........
ଆଉ ନିଜ ସହ -
ଅଲୋଡ଼ା ପ୍ରତିଦ୍ୱନ୍ଦିତା......... ।
ଦୁନିଆରେ ଅନ୍ୟକୁ କିଏ
ପ୍ରତାରଣା ଦେଇପାରେ ନଦେଇ ବି ପାରେ,
କିଏ ଅନ୍ୟଠାରୁ ପ୍ରତାରିତ-
ହୋଇପାରେ ନ ହୋଇ ବି ପାରେ,
ହେଲେ......ପ୍ରତିକ୍ଷଣ...... ଏ ମଣିଷ
ନିଜକୁ ପ୍ରତାରଣା ଦିଏ........
ଆଉ ନିଜଠୁ ପ୍ରତାରିତ ହୁଏ....... ।
ହୋଇପାରେ ଏ ପ୍ରତାରଣା
ସାମୟିକ ଆନନ୍ଦଦାୟୀ.........
ନିଜକୁ ଦିଗବିଜୟୀ ସଜାଇବାର
ଅଲୋଡ଼ା ଆନନ୍ଦଦାୟୀ.........
କିନ୍ତୁ......କାଳେକାଳେ ଦୁଃଖଦାୟୀ........
ଏ କଥା ବୁଝିଯିବା ବୁଦ୍ଧିମାନର କର୍ତ୍ତବ୍ୟ....... ।

ଆମ କବିତା




| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ପ୍ରତାରଣା | ବେଣୁଧର ସୂତାର | ୭ |
| ୨. | ପ୍ରତାରଣା | ଆଲୋକ କୁମାର ପ୍ରଧାନ | ୮ |
| ୩. | ପ୍ରେମ ଆଉ ପ୍ରତାରଣା | ସୌମ୍ୟଶ୍ରୀ ପଣ୍ଡା | ୯ |
| ୪. | ଛନ୍ଦମୟୀ ଛନ୍ଦିତା | ଅମୀୟ କୁମାର ସାହୁ | ୧୦ |
| ୫ | ଅବସୋସ | ବୈଦ୍ୟନାଥ ଖିଲାର | ୧୧ |
| ୬. | ପ୍ରତାରଣା ଏକ ଯନ୍ତ୍ରଣାର ଶବ୍ଦ | ରମେଶ ମଙ୍ଗରାଜ | ୧୨ |
| ୭. | ପ୍ରତାରଣା | ରଞ୍ଜିତା ମିଶ୍ର | ୧୩ |
| ୮. | ନୀଳନୟନା | ତପନ ଦୀକ୍ଷିତ(ବେଳା ଭୂମି) | ୧୪ |
| ୯. | ଅଫେରା ସମୟ | ଆଶାଲତା ପାଣ୍ଡବ | ୧୫ |
| ୧୦. | ପ୍ରତାରଣା ଚିତ୍ର | ବାବାଜୀ ଚରଣ ଜେନା | ୧୬ |
| ୧୧. | ପ୍ରତାରଣା | ତାରାପ୍ରସାଦ ଜେନା | ୧୭ |
| ୧୨. | ପ୍ରତାରଣା ଖେଳ | ଆଶୁତୋଷ ମେହେର | ୧୮ |
| ୧୩. | ପ୍ରତାରଣା | ଦିବାକର ନାୟକ | ୧୯ |
| ୧୪. | ତୁମେ ଗଲାପରେ..... | ସୁକାନ୍ତି ମିଶ୍ର | ୨୦ |
| ୧୫. | ପ୍ରତାରଣା | ରଶ୍ମିପ୍ରଭା ସାହୁ | ୨୧ |
| ୧୬. | ପ୍ରତାରଣା | ନିରଞ୍ଜନ ସାହୁ | ୨୨ |
| ୧୭. | ପ୍ରତାରିତା ବାୟାଣୀ ବୁଢ଼ୀ | ପୀୟୁଷ ସାମଗା | ୨୩ |
| ୧୮. | ପ୍ରତାରଣା | ସୀମା ମେହେର | ୨୪ |
| ୧୯. | ପ୍ରତାରଣା | ହାସ୍ୟମୟୀ ରାଜ୍ | ୨୫ |
| ୨୦. | ପ୍ରତାରଣା | ଆରାଧନା ଦାଶ | ୨୬ |
| ୨୧. | ପ୍ରତାରଣା ପୂର୍ଣ୍ଣ/ଶୂନ୍ୟ | ବିଭୁପ୍ରସାଦ ମହାପାତ୍ର | ୨୭ |
| ୨୨. | ଶୂନ୍ୟ ମୋ ପ୍ରତାରଣା | ଅରୁଣ କୁମାର ସାହୁ | ୨୮ |
| ୨୩. | ବ୍ୟର୍ଥ ମଣିଷ | ମନୋଜ ମିଶ୍ର | ୨୯ |
| ୨୪. | ପ୍ରତାରଣା | ନରୋତ୍ତମ ବେହେରା | ୩୦ |
| ୨୫. | ପ୍ରତାରଣା | ସାରଙ୍ଗଧର ଷଡଙ୍ଗୀ | ୩୧ |
| ୨୬. | ପ୍ରତାରଣା | ଯଜ୍ଞଦତ୍ତ ସାମନ୍ତରାୟ | ୩୨ |
| ୨୭. | ମଉଳା ଫୁଲର ଛାଇ | ପୂର୍ଣ୍ଣ ଦାସ | ୩୩ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୮. | ପ୍ରତାରଣା | ବାସନ୍ତୀ ବାରିକ | ୩୪ |
| ୨୯. | ପ୍ରତାରଣା ଏକ ସ୍ମୃତି | ଡା: ବିଧୁତ୍ ଶେଖର ମିଶ୍ର | ୩୫ |
| ୩୦. | ତୁମେ ଚାହିଁଥିଲେ | ଶକ୍ତି ଦାସ | ୩୬ |
| ୩୧. | ଅତୀତର ପାହାଚ | ଅନୀତା ଦାସ | ୩୭ |
| ୩୨. | ତୁମେ ଗଲା ପରେ | ସବିତା ମହାପାତ୍ର | ୩୮ |
| ୩୩. | ଲୀନାନାଗ୍ | ପ୍ରଜ୍ଞା ମହାନ୍ତି | ୩୯ |
| ୩୪. | ପ୍ରତାରଣା | ଜୟନ୍ତୀ ସ୍ୱାଇଁ | ୪୦ |
| ୩୫. | ପ୍ରତାରଣା | କାଞ୍ଚନ ସାହୁ | ୪୧ |
| ୩୬. | ପ୍ରତାରଣା | ଜୟ କୁମାର ମିଶ୍ର | ୪୨ |
| ୩୭. | ପ୍ରତାରଣା | ଅଞ୍ଜଳି ଦାସ | ୪୩ |
| ୩୮. | ପ୍ରତାରଣା | ସୁନୀଲ ନାୟକ | ୪୪ |
| ୩୯. | ପ୍ରତାରଣା | ସୌଦାମିନୀ ସାହୁ | ୪୫ |
| ୪୦. | ପ୍ରତାରଣା | ନିରୁପମା ପାଣି | ୪୬ |
| ୪୧. | ପ୍ରତାରଣା | ସୁହଂସ ଭୋଇ | ୪୭ |
| ୪୨. | ପ୍ରତାରଣା | ଲକ୍ଷ୍ମୀପ୍ରିୟା ମହାରଣା | ୪୮ |
| ୪୩. | ପ୍ରତାରଣା | ବୀଣାପାଣି ଦେବୀ | ୪୯ |
| ୪୪. | ପ୍ରତାରଣା | କଳ୍ପଲତା ପାଳ | ୫୦ |
| ୪୫. | ପ୍ରତାରଣା | ରମେଶ ଚନ୍ଦ୍ର ମିଶ୍ର | ୫୧ |
| ୪୬. | ପ୍ରତାରଣା | ଜ୍ୟୋତି ପ୍ରଭା ପଟ୍ଟନାୟକ | ୫୨ |
| ୪୭. | ପ୍ରତାରଣା | ଶୋଭାଗିନୀ ନନ୍ଦ | ୫୩ |
| ୪୮. | ପ୍ରତାରଣା | ଡ. ଚପଳା ପଣ୍ଡା | ୫୪ |
| ୪୯. | ପ୍ରତାରଣା | ସନ୍ତୋଷିନୀ ଦାଶ | ୫୫ |
| ୫୦. | ପ୍ରତାରଣା | ବସନ୍ତ କୁମାର ସାହୁ | ୫୬ |
| ୫୧. | ପ୍ରତାରଣାର ରୂପ | ରୋଜାଲିନ ପଟ୍ଟନାୟକ | ୫୭ |
| ୫୨. | ପ୍ରତାରଣା | ଡ. ଗୁରୁପ୍ରସାଦ ମହାପାତ୍ର | ୫୮ |
| ୫୩. | ଆଉ ମନେନାହିଁ | ନିଶିକାନ୍ତ କହଲସିଂହ | ୫୯ |
| ୫୪. | ପ୍ରତାରଣା | ଯମେଶ୍ୱର କହଲସିଂହ | ୬୦ |
| ୫୫. | ପ୍ରତାରଣା | ସେବତୀ ପରିଡା | ୬୧ |

# ପ୍ରତାରଣା



## ବେଣୁଧର ସୂତାର

ପ୍ରୀତି ମଧୁବନେ ଚଇତି ସପନେ
ବିଦଗ୍ଧ ବୈଶାଖୀ ନିଆଁ
ପ୍ରୀତିକୁଞ୍ଜେ ନାହିଁ କେଳି କୁସୁମର
ପ୍ରେମର ରେଶମୀ ଛୁଆଁ
ପ୍ରତାରଣା ଦେଲ କିଆଁ.....
ତୁମ ମଧୁ ସ୍ମୃତି ଛୁଇଁଯାଏ ନିତି
ପ୍ରୀତିର ଗୋପନ ଗାଆଁ ।।

ଜାଗିଥିଲା ଦିନେ ପ୍ରଣୟ ପୁଲକ
ନିଃଶବ୍ଦ ଏ ନିଶି କୋଳେ
ପ୍ରୀତି ମଧୁ ସ୍ୱପ୍ନ ସମାଧି ନେଇଛି
ଆଖିର ପରଦା ତଳେ
ଭାବନାର ଅନ୍ତରାଳେ.....
ତମସା ତୀରେ ମୁଁ ବିଦଗ୍ଧ ନାୟିକା
ଜଳୁଛି ବିରହାନଳେ ।।

ପୀରତି କାନନେ ଶୃଙ୍ଗାର ବିପିନେ
ନେପଥ୍ୟର ନୀରବତା
ହଜିଯାଇଛି ସେ ମଧୁର ପ୍ରେମର
ପ୍ରୀତିଭରା ମାଦକତା
ଛଳନା ପାରିନି ଭେଦି.....
ଆଶାର ଆୟୁଷ କରିଛି ମୁଁ ଶେଷ
ନିଜ ହସ୍ତେ ଜିହ୍ୱା ଛେଦି ।।

ଛନ୍ଦହୀନ ଆଜି ଜୀବନର ସୁର
ଅନେକ ସ୍ମୃତିର ଧାରେ
ମନ ମରୁଧାରେ ବିଦଗ୍ଧ ଅନ୍ତରେ
ବେଦନା ଲହରି ମାରେ
ଅବାସ୍ତବ ଆଶା ଘେନି.....
ବିଦୀର୍ଣ୍ଣ ବୁକୁରେ ନୀଳତୃଷ୍ଣା ଭରେ
ନୈରାଶ୍ୟର ପ୍ରତିଧ୍ୱନି ।।

ଉଡିଗଲା ପକ୍ଷୀ ଭାଙ୍ଗିଦେଇ ତା'ର
ଛଳନାର ବାଲିଘର
ଚିରଦିନ ପାଇଁ ଦେଇଗଲା ହୃଦେ
ଯନ୍ତ୍ରଣାର ଗୁରୁଭାର
ବିରହର ପଞ୍ଚତନ୍ତ୍ର
ନିରାଶା ମରୁରେ ବସି ମୁଁ ଭଜୁଛି
ନିର୍ବାଣର ମହାମନ୍ତ୍ର ।।

ତଥାପି କାହିଁକି ଅନ୍ତର ତୀରେ ମୋ'
ଜାଗିଉଠେ ଅଭିଳାଷ
ଭାବି ସେ ଅତୀତ ଏ ମନ ବିବ୍ରତ
ହୃଦେ ଭରା ଅବସୋସ
ପ୍ରିୟତମ ତୁମ ବିନା.....
ନିଃସଙ୍ଗ ପ୍ରାଣର ଦଗ୍ଧ ବିଭୀଷିକା
ସୁନାଦେହ କରେ ଚୁନା ।।

କେଶଦୁରାପାଳ  କେନ୍ଦୁଝର

# ପ୍ରତାରଣା

## ଆଲୋକ କୁମାର ପ୍ରଧାନ

ଭାଡିଏ ସୁଖରେ ଧାଡିଏ ଶୂନ୍ୟତା ପାଲଟଇ ଯେବେ ଜୀବନ ରେଖା
ତମାମ ଜୀବନ ଭାଗଫଳ ଭୋଗେ ଭାଗଶେଷର କି ମିଳଇ ଦେଖା,
ଅଛିଣ୍ଡା ଅଙ୍କରେ ଅଙ୍କା ଶେଷ ସୀମା ହସିପାରେ ମୂଳଦୁଆ ଉପରେ?
ସମୟ କି ବୁଝେ ସମ୍ପର୍କର ମୂଲ ଭାରି ପାଣିଚିଆ ବୁଝାମଣାରେ ।

ଏଇ ଅଛି ଏଇ ନାହିଁ ଅଣକରେ ଅଣାକାର ଗୋଟେ ଅଳୀକ ମନ
ଯେଉଁ ମନ ମୁନ ମଉନ ଘାଟରେ ହୁଲିଡଙ୍ଗାଟିଏ ହଜିଲା ଦିନ,
ହଜିଲା ଦିନ କି ଖୋଜିଲେ ମିଳଇ ଖୋଜାଅଖୋଜାର ବୁଡିଲା ବନ୍ଧେ
ଦେଖା ଅଦେଖାର ଦୁରତା ମାପରେ ଅଣଦେଖା ଭାବ ବହୁତ ବାଧେ ।

ବାଧେ ସିନା ସଦା ବାଧକା କରାଏ ସରେନି ସମୟ ସରେନି ଦାଉ
ଅସରାଏ ଦୁଃଖ ଛୁଇଁ ଦେଇଗଲେ ଘିଅ ମହୁ ଭଲ ଲାଗେ କି ଆଉ,
ସତ ଭିଡେ ମିଛ ଭଲ ଭିଡେ ମନ୍ଦ ପୂରିଲା ଭିଡ଼ରେ ଟିକିଏ ଊଣା
ସହି ହୁଏନି କି ଦେଖେଇ ହୁଏନି ମନ ତଳ ଘାଆ ସେ ପ୍ରତାରଣା ।

ପ୍ରତାରିତ ପ୍ରାଣ ଅପନ୍ତରା ବାଟେ ପହିଭଙ୍ଗା ଗୋଟେ ଶଗଡ଼ ଚକ
ପ୍ରତାରଣା ସହ ଜିଇଁବା ଶିଖିଲେ କିଛି ତ ମିଳେନି ମିଳଇ ଦକ ।

ଅମୃତାଂଶୁ,
ବାଲିଗୁଆଳି, ପୁରୀ

# ପ୍ରେମ ଆଉ ପ୍ରତାରଣା

**ସୌମ୍ୟଶ୍ରୀ ପଣ୍ଡା**



ହୃଦୟ ବଦଳେ ହୃଦୟ ଦେବାକୁ କଥା ହୁଏ ଦିଆନିଆ
ପ୍ରତିଶ୍ରୁତି ଥାଏ ସମ୍ପର୍କର ସେତୁ ବିଶ୍ୱାସେ ହୋଇବ ଠିଆ
ପ୍ରୀତିର ପୁଲକେ ମିଠା ଅନୁରାଗେ ବାଲିଘର ତୋଳାହୁଏ
ପ୍ରେମ କମ୍ ଏଠି ପ୍ରତାରଣା ବେଶୀ ହୃଦୟଟା ଭାଙ୍ଗିଯାଏ

ଅଳପ ଦିନରେ ଦୁଇଟି ମନର କାହାଣୀଟେ ଲେଖାହୁଏ
ଭୋକ ମେଣ୍ଟିଗଲେ ସ୍ୱାର୍ଥ ସରିଗଲେ ସ୍ୱପ୍ନ ଅଧା ରହିଯାଏ
ନିବିଡ଼ ଆଶ୍ଲେଷ ପ୍ରୀତି ପରଶର ଆୟୁଷଟା ସରିଯାଏ
ପ୍ରେମ କମ୍ ଏଠି ପ୍ରତାରଣା ବେଶୀ ହୃଦୟଟା ଭାଙ୍ଗିଯାଏ

ସାତ ଜନମକୁ ସାଥି ହେବା କଥା ହୁଅଇ ପାଣିର ଗାର
ମିଳନ ଋତୁରେ ପ୍ରେମ ବଦଳରେ ମିଳେ ଛଳନା ଜହର
ଭରସା ତୁଟିଲେ ଆଶା ମଉଳିଲେ ବିଶ୍ୱାସ ତ ଲୁହ ହୁଏ
ପ୍ରେମ କମ୍ ଏଠି ପ୍ରତାରଣା ବେଶୀ ହୃଦୟଟା ଭାଙ୍ଗିଯାଏ

ପ୍ରେମ ବୋଲି ଯେଉଁ ଦୁଇଟି ଅକ୍ଷର ଅଟେ ଶ୍ରେଷ୍ଠ ଉପହାର
ପ୍ରେମ ଯେ ଅମୂଲ ବୁଝିଅଛି ଯିଏ ଜୀବନ ତା'ର ମଧୁର।

**ନରସିଂହପୁର, କଟକ**

# ଛନ୍ଦମୟୀ ଛନ୍ଦିତା

ଅମୀୟ କୁମାର ସାହୁ

ଆଗୋ ଛନ୍ଦମୟୀ ଛଳନାମୟୀ ଛନ୍ଦିତା
ମାୟାବିନୀ ମଧୁରଭାଷୀ ମମତା
ହସେଇଲ କେବେ ଭସେଇଲ ଏବେ
କହିଦେଲ ତୁମ ମରମତଳ ଗହନ କଥା
ଆଗୋ ଛନ୍ଦମୟୀ ଛଳନାମୟୀ ଛନ୍ଦିତା !

ତୁମ ପାଇଁ କେତେ ବିଜନବେଳାରେ ଧାଇଁଲି କଣ୍ଟକପଥେ
ଚୂର୍ଣ୍ଣକୁନ୍ତଳେ ହଜେଇଲି ମନ ଭିଜିଗଲି ଶୀତଶିଶିରର ସାଥେ
ବାରିଧିର କୂଳେ ସିକତାର ଶେଯ ପାଦ ମୋ ଧରିଲା ଭିଡି
ଆତୁରେ ଡାକିଲି ରହରହ ଗୋରୀ ତଣ୍ଟି ମୋର ଗଲା ଛିଡି
ବୁଝିଲନି ତୁମେ ଦଗ୍ଧ ଅନ୍ତର ବେଦନା ବ୍ୟଥା..........
ଆଗୋ ଛନ୍ଦମୟୀ ଛଳନାମୟୀ ଛନ୍ଦିତା !

ଶୁଣି ନ ଶୁଣିଲ ଆଗେ ଆଗେ ଗଲ ଚାଲି
ଏ ମନ ମନ୍ଦିରେ ବସେଇଲି ବୋଲି ଭଲପାଇ ଗଲ ଭୁଲି
ମୋହନ ମନ୍ତ୍ରରେ ମୁଗ୍ଧ କରିଲ ହୃଦୟକୁ ଲୁଟିନେଲ
ପ୍ରୀତିର ପୀୟୁଷ ପିଆଇଦେଇ କାହିଁ ମୋତେ ଛାଡିଗଲ
ଶରୀରଟା ମୋ'ର ସାଜେ ସଉତୁଣୀ ମୁଖରୁ ନ ସ୍ଫୁରେ କଥା
ଆଗୋ ଛନ୍ଦମୟୀ ଛଳନାମୟୀ ଛନ୍ଦିତା !

ପ୍ରେମଟା ଆଜି ଅନଳ ସମ ଜାଳଇ ମୋର ହିଆ
ନୟନୁ ମୋ'ର ଝରଇ ନୀର ହୋଇ ତ ଅମାନିଆ
କାତର ହୋଇ ଖୋଜିଲି କେତେ ଗାଁ ସହର ବୁଲି
କେ ମାରେ ତାଳି, କେ ମାରେ ମାଡ କେ ପୁଣି ଦିଏ ଗାଳି
ତୁମକୁ ନ ପାଇ ବିରହେ ଝୁରି ପାଷାଣେ ପିଟିଲି ମଥା
ଆଗୋ ଛନ୍ଦମୟୀ ଛଳନାମୟୀ ଛନ୍ଦିତା !

ବୁଢାପଡା, ଜଟଣୀ

# ଅବସୋସ



## ବୈଦ୍ୟନାଥ ଖିଲାର

ଦେଲା ପାଖୁଡ଼ାଏ କିଆଫୁଲ
ମୁହୂର୍ତ୍ତକ ମଧରେ ପାଗଳ କରି ଦେବାର
ଟୋପାଏ ବାସ୍ନାୟିତ ବିମୋହନ ।

ତା' ଉପହାରକୁ ଲୋକେ କହିଲେ କରତ
ହଉ, କହନ୍ତୁ
ଆଗକୁ ତ ପ୍ରେମ ପାଇଁ ତୋଳା ହେବ
ଚନ୍ଦନର ତାଜମହଲ
ଥାଉ, କାମରେ ଆସିବ ।

ଏବେ ଛାତି ଉପରେ ହାତ ରଖିଲେ ରକ୍ତ
ବଟା ଯାଇଥିବା ପେଣ୍ଡାଏ
କୁଆଁରୀ କୃଷ୍ଣଚୂଡ଼ାର ଅଳତା ।

ଏମିତି ଅନେକ ଶତାବ୍ଦୀ
କଲବଲ ହୋଇ ବଞ୍ଚିରହିଲା ପ୍ରେମିକଟିଏ
ମୋ' ହୃଦୟର କାଠଗୋଦାମରେ ।

ମୁଁ କହିଲି ଚିରି ଦେ
ମିଠା ଲାଗୁଛି ପ୍ରେମ
ଆଲିଙ୍ଗନ ହେଉ କି ଚୁମା
ଦରଜ ହେଉକି ଦରଜର ଉହୁଃ ଆହାଃ
ସବୁ ସାଇତି ସଜାଡି ରଖିବାକୁ ହେବ
ବିରୂପା କୂଳରେ
ଆଉ ଗୋଟାଏ ତାଜମହଲର ନକ୍ସା ।

ବହୁତ ଶୀତଳାଇଲି
ତାତି.......ଦହନ......
ଦହନର ଗହନ ବେଳାରେ
କୂଳଯାକ ପାଉଁଶ
କିଛି ପୋଡି ଯାଇଥିବା ନିଃଶ୍ୱାସ
ଓ.........
ମୁଠମୁଠା ସରଳ ବିଶ୍ୱାସ।

ଯମୁନାରୁ ବିରୂପା ଯାଏ
ଅନେକ ଜନ୍ମ ମୃତ୍ୟୁ
କେବଳ ଭୋକ ଶୋଷର ମହୋତ୍ସବ
ଦେହ ଭୋଗର ଭୂଗୋଳ ଭିତରେ
ମୋ' ଚନ୍ଦନ କାଠର ମିଛ ତାଜମହଲ
ଓ ପ୍ରତାରଣାର ମମତାଜ ।

ପ୍ରେମିକର ସବୁ ଜହ୍ନରାତି
ନିଆଁରେ ତିଆରି ।

ଶଙ୍କରପୁର, ଚାରିବାଟିଆ,କଟକ

# ପ୍ରତାରଣା ଏକ ଯନ୍ତ୍ରଣାର ଶବ୍ଦ



**ରମେଶ ମଙ୍ଗରାଜ**

ପ୍ରତାରଣା ଏକ ଏମିତିକା ଶବ୍ଦ
ଅନେକ ଯନ୍ତ୍ରଣା ଦେଇଛି
ସବୁ ଦୁଃଖ ମୋର ଗଣ୍ଠିଲିରେ ବାନ୍ଧି
ତମ ପାଇଁ ଖାଲି ଜିଇଁଛି...||୦||

ଅତୀତଟା ମୋତେ ଧୋକା ଦେବ ବୋଲି
ଜୀବନରେ ଭାବିନଥିଲି
ସୋହାଗ ସିନ୍ଦୂର ତମର ନ ହୋଇ
କଳଙ୍କିତ ଟୀକା ହୋଇଲି
ଭୁଲ ବୁଝାମଣା ପାଇଁ ମୁଁ ସତରେ
ପ୍ରତାରକ ହୋଇ ଯାଇଛି...||୧||
ପ୍ରତାରଣା ଏକ.......

ଏତେ ଭଲପାଇ ପ୍ରତାରଣା ଦେବି
କେମିତିକା ତମେ ଭାବିଲ
କେଉଁ ଭୁଲ ପାଇଁ ପ୍ରତାରକ କହି
ତମେ ତିନିଗାର ଲଘିଂଲ
ନିରୋଳାରେ ଥରେ ଭାବି ଫେରିଆସ
ତମ ବାଟ ଚାହିଁ ରହିଛି...||୨||
ପ୍ରତାରଣା ଏକ.......

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା



# ପ୍ରତାରଣା

**ରଞ୍ଜିତା ମିଶ୍ର**

ଆଖିକୁ ପକେଇ ଦେଇଛି ରାଣ
ଅଜାଣତେ ଲୁହ ଝରାନା
କାନ୍ଦିବାକୁ ମୋତେ ହୋଇଛି ମନା
ମନଖୋଲି କାନ୍ଦି ପାରେନା ।

ଛାତିକୋହ ତଳେ ଲୁହକୁ ଚାପି
ଖୋଜୁଛି ହସର ଠିକଣା
ଆଖିର ଲୁହକୁ ଆଖିରେ ଲୁଚେଇ
ହସିବାର କରେ ବାହାନା ।

ଲୁହ ଧୋଇଦିଏ କଜଳ ସିନା
ସ୍ୱପ୍ନକୁ ଭିଜେଇ ପାରେନା
ନିଦ କରିଛି ସ୍ୱପ୍ନକୁ ବାରଣ
ପଲକକୁ ଛୁଇଁବା ମନା ।

ସ୍ୱପ୍ନ ହଜିଯାଏ ଜୀବନୁ ଯେବେ
ଜିଇବାଟା ଖାଲି ଯନ୍ତ୍ରଣା
ମମତାତ ଆଜି ପଡିଛି ବନ୍ଧା
ହଜିଛି ସ୍ନେହର ପାଉଣା ।

ପରିଚିତ ମୁହଁ ଅଚିହ୍ନା ଲାଗେ
ସମ୍ପର୍କ ହୁଏ ବାଟବଣା
ଅନ୍ତରେ ଖାଲି ଅସହ୍ୟ ବେଦନା
ପ୍ରେମ ସାଜିଛି ପ୍ରତାରଣା ।

ବଇଣ୍ଡା, ଅନୁଗୁଳ

# ନୀଳନୟନା

## ତପନ ଦୀକ୍ଷିତ(ବେଳା ଭୂମି)

'କୁଆଁରୀ ଦେହେ ତୋ' କାଉଁରୀ କିମିଆ
ଜହ୍ନଉଠା ସଞ୍ଜବେଳେ
ଦୀପଶିଖା ହୋଇ ଜାଳିବାଟା ସାର
ପ୍ରୀତିର ଚଉରାମୂଳେ।
ନୀଳନୟନାର ନୀଳ ଜହରରେ
ଅଜଣା ମୃତ୍ୟୁର ଛାଇ
ମନ ମରାଳର ନିର୍ଜୀବ ଦେହଟା
ନୀରବେ ଯାଇଛି ଶୋଇ।
ପ୍ରୀତି ପ୍ରତାରଣା ମିଳନ ମୁହୂର୍ତ୍ତେ
କାମନାର ଜଳେ ଜୁଇ
ବାସନା ବାସର ସରିସରି ଆସେ
ବେଦନାରେ ଜାଗେ ହାଇ।
ଧୂମାୟିତ ଏଇ ନିର୍ଜନ ନିଶୀଥେ
ନୀଳଜହ୍ନ ଦେଖ ଦୂରେ
ନଳିନୀ ନିଃସଙ୍ଗେ କଡ଼ ଲେଉଟାଏ
ଅଭିଶପ୍ତ ଅଭିସାରେ ...।।

ନାସିକେଶ୍ୱର, କାକଟପୁର, ପୁରୀ

# ଅଫେରା ସମୟ

ଆଶାଲତା ପାଣ୍ଡବ

ଜ୍ଞାନ ଚକ୍ଷୁ ଖୋଲିଲା ପରେ
ଜୀବନର ସବୁ ସତ୍ତା ହରେଇ ବସିଥିଲି
ପଶ୍ଚାତାପ କରିବା ଛଡ଼ା
ଏ ପରିଣତ ବୟସରେ
ନ ଥିଲା ଆଉ କିଛି
ସ୍ୱପ୍ନିଳ ସମ୍ଭାବନା!
ମନରେ ଭରିଯାଇଥିଲା
ଘୃଣା ଈର୍ଷା ଦହନର ଦୁଃଖ
ଖୋଜୁଥିଲି ସେ ଦିନର
ଫୁଲଭର୍ତ୍ତି ସକାଳକୁ...
ନିରହଙ୍କାର ମନରେ ଏବେ
ପ୍ରଶ୍ନବାଚୀ ?
ଏବେ କାହିଁ ଏତେ ଆକୁଳପଣ?
ଏହା କି ମୋ' ନିଜ ପ୍ରତି କରିନି ଅନ୍ୟାୟ?
ବାକି ସବୁ ଯାହା ଘଟିଗଲା ଜୀବନରେ,
ତାହା ତ ପ୍ରବଂଚନା!
ଆଗକୁ ବଢ଼ିବାର ଲକ୍ଷ୍ୟ ନେଇ
ଆଚରଣରେ ସବୁ ଖାଲି ପଶ୍ଚିମମୁଖୀ
ବିକାଶରେ ନିଜର ନବଯୌବନ ଯାହା
ବେଲ୍ଲବେଳ ଜାକଜମକ ଭିଡ଼ରେ
ଅଣନିଃଶ୍ୱାସୀ ହୋଇ
ହଜାଇଲି ଜୀବନର ଅମୃତ ଅନୁଭବ
କିନ୍ତୁ ଆଜି କିଏ ମତେ ପଛରୁ ଡାକେ
କିଛି ଅଭିପ୍ରାୟ ନ ଥିଲେ ବି ହୃଦ ବିଳପେ
ତା'ର କରୁଣ ଆହ୍ୱାନରେ ମୋର
ଚେତା ଫେରି ପାଏ....

ଭୁବନେଶ୍ୱର

# ପ୍ରତାରଣା ଚିତ୍ର

**ବାବାଜୀ ଚରଣ ଜେନା**



ଆଷାଢ଼ ପରିକା ଜେଷ୍ଟେ ଆସେ ଏଠି
ପ୍ରତି ସନ୍ଧ୍ୟାରେ ବର୍ଷା
ସବୁ ସ୍ୱପ୍ନ ମୋର ଓଦା କରିଦେଇ
ତଥାପି କରଇ ଇର୍ଷା
ପ୍ରତି ସନ୍ଧ୍ୟାରେ ଆସେ ବର୍ଷା,,।୦।
ଭିଜୁ ଥାଏ ନିତି ଲୁହର ଢେଉରେ
କାହାକୁ ପାରେନା କହି
ପ୍ରତି ପାହାଚରେ ପ୍ରତାରଣା ଚିତ୍ର
ଦେଖିଦେଖି ଯାଏ ମୁହିଁ
ନିର୍ଲଜ ପରି ମୁଁ ହସୁଥାଏ ପୁଣି
ହୋଇ ଏତେ ଲୋକହସା
ଆଷାଢ଼ ପରି,,,,,।୧।
ପ୍ରକୃତି ବି ଏଠି ମୋ' ସାଥେ ଖେଳଇ
ଛଳନାର ରଙ୍ଗ ବୋଳି
ଚଲାପଥ ମୋର ବଢ଼ିବଢ଼ି ଯାଏ
ପାରେ ନାହିଁ ଆଉ ଚାଲି
ଆଶାର କି କେବେ ସୀମାରେଖା ଅଛି
ମରେନା ପାଇବା ନିଶା
ଆଷାଢ଼ ପରି,,,।୨।

**ଅହଲ୍ୟା ନିବାସ**
**ପୋପରଡା, ନୂଆବଜାର, କଟକ**

# ପ୍ରତାରଣା

**ତାରାପ୍ରସାଦ ଜେନା**



ଜୀବନଟା ଗୋଟେ ନାଟକର ମାୟା ଆଜି ଅଛି କାଲି ଶେଷ
ପ୍ରତାରଣା ସିନା ଅବିଶ୍ୱାସ ହେତୁ ଜିଇବାଟା ଲାଗେ ବିଷ
....... ଜୀବନଟା ଗୋଟେ ନାଟକର ମାୟା..... ! ୦ !

ଭଲ ପାଇବାରେ ସ୍ୱାର୍ଥ ମିଶିଥିଲେ କାର୍ଯ୍ୟ ହାସଲକୁ ଚିନ୍ତା
ଲାଭ ମିଳିଗଲେ ଧନ ଆଉ କିଛି ପରିଚୟ ଏଠି ହନ୍ତା,
ବାଟ ଭାଙ୍ଗି ପରା ଚାଲିଯାଏ କିଏ ଲୁହ ହୁଏ ଝରା ହସ
....... ଜୀବନଟା ଗୋଟେ ନାଟକର ମାୟା..... ! ୧ !

ଆଲୋକର ଉତ୍ସ ଦୃଶ୍ୟାନ୍ତର ସତେ ତିମିରର ଘୋର ଭ୍ରାନ୍ତି
ପ୍ରତାରଣା ଆଜି ବିଚଳିତ କରେ ମିଳୁନାହିଁ ଭାବ ଶାନ୍ତି,
ଭାଗ୍ୟ ଖିଆଲକୁ ପୁଣ୍ୟ ପାପ ଗଣି ପାଉନାହିଁ ନିଜ ଦୋଷ
....... ଜୀବନଟା ଗୋଟେ ନାଟକର ମାୟା..... ! ୨ !

ସ୍ମୃତି ସମ୍ପର୍କଟା ପ୍ରୀତି ଇତିହାସ ନୀତି ବିସର୍ଜିତ ନାଆଁ
ବୟସର ରଙ୍ଗ ଫିକା ପଡ଼ିଯାଏ, ଘୃଣା ବିତର୍କିତ ଛାଆଁ,
ବଞ୍ଚିବାଟା ଆହା ଅଭିଶାପ କାଳେ ମର୍ମାହତ ଗଳା ଫାଶ
....... ଜୀବନଟା ଗୋଟେ ନାଟକର ମାୟା..... ! ୩ !

**ରାଜ ରଣପୁର, ନୟାଗଡ଼**

# ପ୍ରତାରଣା ଖେଳ

**ଆଶୁତୋଷ ମେହେର**



ପ୍ରେମ ପ୍ରେମେ ଭଜି ପ୍ରତାରଣା ଗୀତି
କେମିତି ଯେ ଗାଇଗଲ,
ମନ କୋଣାରକ ଭାଙ୍ଗିଦେଇ ସଖୀ
ବିଷ ମଞ୍ଜି ବୁଣିଦେଲ......||୦||

ବରଷା ପ୍ରେମରେ ଇନ୍ଦ୍ରଧନୁ ହସେ
ଏଇତ ସଂସାର ରିତି,
ବିଷକନ୍ୟା, ତୁମ ଅସଲ ଚେହେରା
ଭରି ଥିଲା ମନେ ଭିତ୍ତି,
ପ୍ରତାରଣା ଭରା ଜହର ବୋଳିବା
ତୁମରି ତିଆରି ଖେଳ......||୧||

ଫୁଲର ସରାଗ ମହକରେ ଥାଏ
ପାଖୁଡା ତ ଝଡି ପାଚେ,
କାଳିଆ ଭଁଅର ଦଂଶୀ ପାରେ ସିନା
ପ୍ରେମେ ପ୍ରଜାପତି ନାଚେ,
ପ୍ରେମ ପ୍ରଭୁ ଭାବ, ପ୍ରତାରଣା ପରା
ଅଦିନିଆ କ୍ଷୟ ବେଳ.......||୨||

ପ୍ରତରଣା ବିଷ ପରଷି ଯେ ଥିଲ
ସଖୀ ଥରେ ପରଖିବ,
ମନ ମନ୍ଦିରରେ ବସି ତଉଲିବ
ପ୍ରେମପ୍ରୀତି ଅନୁଭବ,
ଦୁଇଟୋପା ଲୁହ ପ୍ରାୟଶ୍ଚିତ ହୋଇ
ଝରିଯିବ ହୃଦ ତଳ.....||୩||

**୫୪ ଆର୍ଯ୍ୟପଲ୍ଲୀ**
**କିଟ ଛକ, ପଟିଆ, ଭୁବନେଶ୍ୱର**

# ପ୍ରତାରଣା

**ଦିବାକର ନାୟକ**



ମୋ'ସାଙ୍ଗ ଘରୁ ତମ ଚିଠି ପଢ଼ି
ତମକୁ ଚିହ୍ନିଲି ଆଜି
କୁଆ ନୀଡ଼େ ତମେ କୋଇଲି ବୋଲି ତ
ଏବେ ମୁଁ ପାରିଲି ବୁଝି (୦)

ଲେଖିଗଲ କେତେ ମିଳନର ଚିଠି
ମୋ'ଦେହ କଲମ ଧରି
ନୂଆ ପାଇବାରୁ ଫିଙ୍ଗିଦେଲ ମୋତେ
ଅଲୋଡ଼ା ରିଫିଲ ପରି,
ବିଷ ଦେଲ ମୋତେ ବିଶ୍ୱାସରେ
ଜଳିଗଲି ତମ ନିଶ୍ୱାସରେ;

ତମ ପ୍ରତାରଣା ଦାରୁଣ ଝଡ଼ରେ
ଆଜି ମୁଁ ପଡ଼ିଛି ଭାଜି
ମୋ'ସାଙ୍ଗ ଘରୁ ତମ ଚିଠି ପଢ଼ି
ତମକୁ ଚିହ୍ନିଲି ଆଜି (୧)

କେତେ ଦିନ ଆଉ ପିନ୍ଧା ଶାଢ଼ୀ ପରି
ବଦଳାଉଥିବ ପ୍ରେମ
ଆଉ ଦେବ କେତେ ଅପବାଦ ମୋତେ
ହୋଇ ଏଡ଼େ ନିରିମମ,
ପଣା ଭଳି ମୋତେ ପିଉଥିଲ
ବାସି ନୀର କରି ଫିଙ୍ଗିଦେଲ;

ଖସିଗଲା ପାଦ ତଳକୁ ତଳକୁ
ମାଟିରେ ଯାଉଛି ହଜି
ମୋ'ସାଙ୍ଗ ଘରୁ ତମ ଚିଠି ପଢ଼ି
ତମକୁ ଚିହ୍ନିଲି ଆଜି (୨)

**ପାଟପୁର, କନିସି, ଗଞ୍ଜାମ**

# ତୁମେ ଗଲାପରେ.....



**ସୁକାନ୍ତି ମିଶ୍ର**

ତୁମେ ଗଲାପରେ ମାଟି ଠିକଣାରେ
ଆସିନାହିଁ ମେଘଚିଠି
ଲୁହ ପାପୁଲିରେ ମୁହଁ ଲୁଚେଇଛି
ମନଗାଆଁ ଜହ୍ନରାତି
ଯେତେ ଧୋଇଲେ ବି ଛାଡେ ନାହିଁ ଦାଗ
ମହକେ ଛାଆଁକୁ ଛାଆଁ
ତଥାପି କାହିଁକି ତୁମ ଗାଆଁ ନଈ
ଡାକେ ଧରି ମୋର ନାଆଁ......(୦)

ହଜିଲା ଋତୁର ମୁହଁ ଦିଶିଯାଏ
ମନ ଆଇନାରେ ମୋର
ଦେଖି ତୁମ ଛାଇ ଲାଗେ ମତେ କାହିଁ
ନିଜ ଛାଇ ଆଜି ପର
ତୁମ ଫେରିବାର ଦିନ ଗଣୁଥାଏ
ସରଳିଆ ମୋର ଗାଆଁ
ତଥାପି କାହିଁକି.........(୧)

ମଲାଜହ୍ନ ଚାହିଁ ଝରିଝରି ଯାଏ
ବୁକୁତଳ କଇଁ କୋହ
କଜଳପାତିଟି ଧୋଇ ଦିଏନାହିଁ
ସରାଗେ ସକାଳ ମୁହଁ
ବାହାନା ଦେଖେଇ ଛୁଇଁଯାଏ ନାହିଁ
ତୁମ ଗାଁ ପୁବେଇ ବାଆ
ତଥାପି କାହିଁକି........(୨)

ସାରସ୍ୱତ ନଗର ,ପୁରୀ

# ପ୍ରତାରଣା

**ରଶ୍ମିପ୍ରଭା ସାହୁ**

ପୀରତିର ସେଇ ସ୍ମୃତିର ଶଯ୍ୟାରେ
ଶୋଇକି ବି ଅଛି ଚେଇଁ
ତୁମ ଓଠେ ହସ ଆନନ୍ଦେ ଦେଖିବି
ଆମରି ସମ୍ପର୍କ ପାଇଁ ।

ବୁଝିଛି ମରମେ ହାରିବାର ସୁଖ
ଭଙ୍ଗା ହୃଦୟଟେ ନେଇ
ଜୀବନଟା ଭାରି ଭାରି ଲାଗେ ମୋତେ
ତୁମ ପ୍ରତାରଣା ପାଇଁ ।

ଜଳିବାରେ ସୁଖ ଜଳିଛି ଯିଏ ତ
ଅନୁଭବ ତା'ର ସେଇ
ପାଇବାରେ ସୁଖ ନାହିଁ ବୋଲି କିଛି
ମନକୁ ଦେଇଛି କହି ।

ହୃଦୟଟେ ପାଖେ ଅଛି ବୋଲି ସିନା
ଲୁହକୁ ପିଇଛି ମୁହିଁ
ଦରଦୀ ମନଟା ଭାଙ୍ଗିଗଲା ଆଜି
ତୁମ ପ୍ରତାରଣା ପାଇଁ ।

ପାଣିକୋରଡ଼,
ବାଙ୍କୀ, କଟକ

# ପ୍ରତାରଣା

## ନିରଞ୍ଜନ ସାହୁ

ଜୀବନରେ ଯଦି ପ୍ରତାରଣା ଭରେ
ଜୀବନଟା ଶୂନ୍ୟ ଲାଗେ
ସହି ହୁଏନାହିଁ କହି ହୁଏନାହିଁ
ମନ ଖୋଲି କାହା ଆଗେ ।। ୦ ।।

କାହିଁକି ଜୀବନେ ଆସେ ପ୍ରେମରତୁ
ପ୍ରେମର ଦେବତା କିଏ
କିଏ ଲେଖିଥାଏ ଏମିତିଆ ଭାଗ୍ୟ
କେଉଁଠାରେ ରହେ ସିଏ
ପ୍ରତାରଣା ପୂର୍ଣ୍ଣ ଜୀବନ ଜିଇବା
କଦାପି ହୁଏନି ବାଗେ ।। ୧ ।।

କାହିଁକି ପ୍ରେମରେ ଭଟ୍ଟା ପଡ଼ିଯାଏ
ପ୍ରତାରଣା ହୁଏ ସୃଷ୍ଟି
କାହିଁକି ପ୍ରେମିକ ପ୍ରେମିକା ଉଭୟେ
ବଦଳାନ୍ତି ଭିନ୍ନ ଦୃଷ୍ଟି
କାହିଁକି ମନରେ ଓଲଟା ବିଚାର
ପରସ୍ପର ପ୍ରତି ଜାଗେ ।। ୨ ।।

କେମିତି ନିଜକୁ ଆଉ କାହା ପାଖେ
ସମର୍ପିତ କରି ହୁଏ
କେମିତି ନିଜକୁ ସଙ୍କୋଚ ସଜାଇ
ଆଉ କାହା ପାଖେ ଥୁଏ
କେମିତି ନିଜକୁ ବଞ୍ଚାଇ ବି ହୁଏ
ଆଉ କାହା ଅନୁରାଗେ ।। ୩ ।।

ନିହଲ ପ୍ରସାଦ,
ଗଁଦିଆ ପାଟଣା, ଢେଙ୍କାନାଳ

# ପ୍ରତାରିତା ବାୟାଣୀ ବୁଢ଼ୀ

ପୀୟୁଷ ସାମଗା

ଧଳା କେଶ ଘୋଡ଼ା ଲୁଙ୍କାୟିତ ଆଖି
ବେଦନା ଢାଳେ ଅଶ୍ରୁ ରୂପରେ
ଜୀବନର ଅନୁଭୂତି କହେ
କୁଞ୍ଚିତ ରେଖାୟିତ ଦେହେ
ଲେଖିଛି କି ସତେ ଦୁଃଖର ମହାକାବ୍ୟ
ଅନୁଭୂତିର ଏଗାର-ଅକ୍ଷରେ  !
ବିଳିବିଳଉଛି ଟିକେ ଶିର ଟେକି
ପ୍ରସାରି ନିଜ ଭିକ୍ଷାର ଥାଳ
ମୁଣ୍ଡ ମୋଡି ଛୁଆ ଚାହାଣିରେ ଦେଖି
ପ୍ରତି ପଥିକକୁ ମାଗୁଛି ସତେ
"ଆଶ୍ୱାସନା-ଭିକ ଦେ ମତେ"
ହେଲେ ମିଳେ ନାକଟେକା-ଧନ କିଛିଟା
ଘୃଣା ଆଉ ପ୍ରତାରଣା ବିପୁଳ ।

ଏ ଘୃଣା ତା ଲାଗି ବେଶ୍ ଅପ୍ରଭାବୀ
ସ୍ୱପରିବାର ଅଣଦେଖା ଠାରୁ
ମନେ ବୋଧେ ଯେବେ ଆସେ ସେଇ ଛବି
ଧୂଳି ବୋଲି ହେଇ ବେଳେବେଳେ
ମୁଣ୍ଡପିଟୁଥାଏ ଭୂଇଁ ତଳେ
ଏଇ ଦୁଃଖ ତାକୁ ବାୟାଣୀ ସଜେଇଛି
ହରେଇ ଆପଣା ଜୀବନ ଠାରୁ ।
ସେଇ ରାସ୍ତାକଡର ସାମ୍ରାଜ୍ଞୀ ସତେ ସେ,
ତାକୁ ସିନା କିଏ ବାୟାଣୀ କହେ
ହେଲେ ତା'ର ତ ଆମଠୁ ଢେର ବୁଦ୍ଧି
ନିଜ ପୁଅଠୁ ତଣ୍ଡିଆ ଖାଇ
ପରିବାରେ ପ୍ରତାରଣା ପାଇ
ତଥାପି ବଞ୍ଚିଛି ଏତେ କଷ୍ଟ ସହି
ଏକା ହେଇ ବି ସସାହସେ ରହେ ।

ବାଣପୁର, ଖୋର୍ଦ୍ଧା

# ପ୍ରତାରଣା

ସୀମା ମେହେର

ତୁମକୁ ପାଇ ଅନେକ ହାରିଛନ୍ତି ପ୍ରାଣ,
କିଏ ପିଇଥାଏ କୀଟନାଶକ,
କିଏ ଝୁଲିଥାଏ ବୃକ୍ଷ ଡାଳରେ
କେତେକ ରେଳ ଧାରଣାରେ
ମୁଣ୍ଡ ଗଡାଇଛନ୍ତି
ହତାଶ ହୋଇ ଏ ଦୁନିଆଁରେ
ଆଉ ନ ରହିବା ପାଇଁ
କରିଥାନ୍ତି ପଣ ।

ତୁମକୁ ପାଇ ଆଉ କେତେକ
ହୋଇ ଯାଆନ୍ତି ହିଂସ୍ର
ବୁହାଇଥନ୍ତି କେତେକଙ୍କ ରକ୍ତ
ପ୍ରାଣ ନେଇଥାନ୍ତି ଆତ୍ମୀୟଙ୍କର
କ୍ରୋଧରେ ଅନ୍ଧହୋଇ
ଜୀବନକୁ କରନ୍ତି ଅଭିଶପ୍ତ ।

କେତେକଙ୍କ ପାଇଁ ତୁମେ
ପାଲଟିଥାଅ ବରଦାନ
ଜୀବନରେ ସେମାନେ
ପାଇକି ଶକ୍ତ ଧକ୍କା
ମନକୁ କରନ୍ତି ବଜ୍ର
ହାର ନମାନି
ନିଷ୍ପାପର ଭାବେ
ଖୋଜନ୍ତି ନୂଆବାଟ,
ସମାଜରେ ଲେଖିଯା'ନ୍ତି
ସଫଳତାର ନୂଆ କାହାଣୀ
ତୁମେ ମାତ୍ର ଗୋଟେ ଘଟଣା,
ପ୍ରତାରଣା............... ।

ବରଗଡ଼



# ପ୍ରତାରଣା

**ହାସ୍ୟମୟୀ ରାଜ୍**

ଅତୀତର ପୃଷ୍ଠା ଗୁଡିକ
ଆଜି ବାରମ୍ବାର ପଢେ
ସ୍ମୃତିର ଢେଉ ସବୁ
ଅସହାୟ ଭାବେ ମଥା ପିଟେ
ମୋ' ଜୀବନ ବେଳାଭୂମିରେ
ଚାହିଁଲେ ବି ତା' ବନ୍ଧନରୁ
ମୁକ୍ତ ହୋଇ ପାରେନି ମୁଁ
ସଜଳ ଆଖିରେ
ଆକାଶକୁ ଚାହେଁ
ତାର ସୀମାହୀନ ବ୍ୟାପ୍ତି
ନୀରବ ଚାହାଣି
ମୋତେ ଅନେକ କଥା କହେ
ବଞ୍ଚିବାର ରାହା ଦେଖାଏ ।।

ଦଲକାଏ ପବନ ଭଳି
ତମେ ଆସିଥିଲ
ଛୁଇଁଛୁଇଁ ଯାଇଥିଲ
ମନରେ ଆତ୍ମାରେ
ଭୁଲିଯାଇଥିଲି ମୋ'ର
ଚାରିପାଖ ଦୁନିଆ
କାହାର ଆଶା ଆଉ ସ୍ୱପ୍ନ
ସ୍ନେହ ପ୍ରେମ ମମତାର ଛୁଆଁ
ତମକୁ ନେଇ ଆଙ୍କିଥିଲି
ମୋ' ଅବଶିଷ୍ଟ ଜୀବନର ଚିତ୍ର
ଖୋଜୁଥିଲି ତୁମଠାରୁ
ଜିଇବାର ସରଳ ସୂତ୍ର ।।

ହେଲେ
ଗଣିତରେ ପ୍ରଥମ ହେଉଥିବା ମୁଁ
ତମକୁ ନେଇ
ଜୀବନ ଅଙ୍କ କଷିବାରେ
ବିଫଳ ହେଇଯିବି
ଜାଣି ନଥିଲି
ଆଉ ତମ ବିନା ସୃଷ୍ଟି ହେଇଥିବା
ଶୂନ୍ୟସ୍ଥାନ ବି
ପୂରଣ କରି ପାରୁନି
ପାରିବନି କେବେ
ଆଜି ନିଜକୁ ପଚାରେ
ମୋର ଭୁଲ୍ କେଉଠି?
ହେଲେ ଏ ପ୍ରଶ୍ନ
ମୋତେ ଅସହାୟ ଆଖିରେ ଚାହେଁ
କାରଣ ତା'ର ସଠିକ୍ ଉତ୍ତର
ମୋ' ପାଖେ ନଥାଏ
ଖାଲି ଏକ ବିଦ୍ରୁପ ଠାଣିରେ ହସୁଥିବା
ତମ ମୁହଁ ଦିଶେ ।।

**ଓରାଳି, ହାଟଡିହି, କେନ୍ଦୁଝର**

# ପ୍ରତାରଣା

**ଆରାଧନା ଦାଶ**



ଯାହା କୋଳରେ
ତୁମେ ଜନ୍ମ ନେଇଛ,
ଯେଉଁ ମାଟିର ଛାତିରେ
ତୁମେ ପାଦ ଥାପିଛ,
ସେମାନେ କ'ଣ କରିଛନ୍ତି
ତୁମ ସହ ପ୍ରତାରଣା ?
ବରଂ କିଛି ନ ଚାହିଁ
ଅଯାଚିତ ଭାବେ
ବାଣ୍ଟି ଦେଇଛନ୍ତି ଭଲ ପାଇବା...
ଦୃଶ୍ୟ ହେଉ ବା ଅଦୃଶ୍ୟ
ଦୂର ହେଉ କି ନିକଟ
ତୁମ ଚାରିପାଖରେ ସଂଚରିତ
ଗୋଟେ ସମ୍ମୋହନର ମନ୍ତ୍ର
'ସର୍ବେ ଭବନ୍ତୁ ସୁଖୀନଃ....'।

ତେବେ
ତୁମ ଜୀବନ ଅଭିଧାନର
ପରିଧି ମଧ୍ୟରେ କେମିତି
ଆଣ୍ଡା ଜମେଇଲା ଏ ପ୍ରତାରଣା ଶବ୍ଦ?
ସୃଷ୍ଟିର ମୂଳ ତତ୍ତ୍ୱ ହିଁ ପ୍ରେମ
ଯାହା ସ୍ୱର୍ଗୀୟ ଅନନ୍ତ
ସଚରାଚର ପରିବ୍ୟାପ୍ତ!
ପ୍ରେମ ନଥିଲେ କ'ଣ
ନଦୀଟିଏ ବନ୍ଧୁର ପଥ ଅତିକ୍ରମି
ଛୁଇଁ ପାରନ୍ତା ସାଗରର ଉନ୍ମତ୍ତ ବକ୍ଷ।
ପ୍ରେମ ନଥିଲେ କ'ଣ
ପ୍ରସ୍ଫୁଟିତ ଫୁଲର ଗନ୍ଧରେ
ଆନମନା ହୁଅନ୍ତା ମଧୁପ।
ପ୍ରେମ ନଥିଲେ
ରବିର କିରଣ ସ୍ପର୍ଶରେ
ଫୁଟନ୍ତାନି କମଳିନୀ
ଚନ୍ଦ୍ରମାର ଶୀତଳ ଛୁଆଁରେ
ହସନ୍ତାନି କୁମୁଦିନୀ ।
ପ୍ରତାରଣାର ଅହମିକାରେ
କିଏ କ'ଣ ବାନ୍ଧି ରଖିଛି କାହାକୁ?

ତେବେ
କାହିଁକି ପ୍ରତାରଣା ବସା ବାନ୍ଧିଛି
ଆଜିର ମଣିଷ ମନରେ?
କାହିଁକି ଭଲପାଇବା ବଦଳରେ
ମିଳୁଛି ପ୍ରତାରଣା?
ଯାହା ଭାଙ୍ଗି ଦେଉଛି ମନ
ଅଥିର କରୁଛି ଜୀବନ
ଭାଇକୁ କରୁଛି ଭଗାରୀ
ମଝି ଦୁଆରେ ଉଠାଉଛି ପାଚେରୀ।
ଈଶ୍ୱରଙ୍କ ସୃଷ୍ଟିରେ
ସମସ୍ତେ ତ ପ୍ରେମରେ ବନ୍ଧା
ସେ ଆକାଶ ହେଉ ବା ଧରଣୀ,
ନାରୀ ହେଉ ବା ପୁରୁଷ
ଆତ୍ମା ହେଉକି ପରମାତ୍ମା....।

ତେବେ
ଭଲପାଇବାକୁ ଅଜାଡ଼ି ନ ଦେଇ
କାହିଁକି କରିବା ଆମେ ପ୍ରତାରଣା ???

**ସାମନ୍ତ ସିଂହାର କେଳୁ ଚରଣ ଉଚ୍ଚ ବିଦ୍ୟାଳୟ,**
**ପତ୍ରପୁର, କେନ୍ଦ୍ରାପଡ଼ା**

# ପ୍ରତାରଣା ପୂର୍ଣ୍ଣ/ଶୂନ୍ୟ

ବିଭୁପ୍ରସାଦ ମହାପାତ୍ର

ଜନନୀ ଜଠରୁ ଯା'କୁ ଯନ୍ତ୍ରଣା ଘେରିଛି
ତାଳୁରୁ ତଳିପା ତା'କୁ ତାମସ ଘାରିଛି ।

ପଡିଉଠି ଧାଏଁ ପିପାସାର ପାରାବାରେ
ବୁଭୁକ୍ଷାର ବନାଗ୍ନିରେ ଯେହୁ ଝାସ ମାରେ ।

ଗୃହଯୁଦ୍ଧେ ଗ୍ରହଯୁଦ୍ଧେ ମନ ମାତିଥାଏ
ସ୍ରଷ୍ଟାଙ୍କ ସୃଷ୍ଟିରେ ଶ୍ରେଷ୍ଠ ମଣିଷ ବୋଲାଏ ।

ସବୁବେଳେ ସମାଜକୁ କରେ ବାଟବଣା
ସେହି ଜୀବଠାରୁ ଆଶା ଖାଲି ପ୍ରତାରଣା ।

ପୁଣି ଚାହୁଁ ପାଲଟୁ ସେ ଯେ ଅତିମାନବ
ଅଲକ୍ଷ୍ୟରେ ସଭ୍ୟତାକୁ ଆଗେଇ ସେ ନେବ ।

ନଥିବ ଲୋଭ ଛଳନା ଅବା ଯେ ଲାଞ୍ଛନା
ମାରଣ ଓ ଘୃଣା ପ୍ରତାରଣାର ଭାବନା ।

ଭୋଗଡା,
ବାଘମାରୀ, ଖୋର୍ଦ୍ଧା

# ଶୂନ୍ୟ ମୋ ପ୍ରତାରଣା

## ଅରୁଣ କୁମାର ସାହୁ

ସେଦିନର ସେଇ ସଞ୍ଜ ବେଳଟାରେ ...
ଚୁପ୍ ଚାପ୍ ଗୁମ୍ ସୁମ୍ ନିରୋଳା ମୁହୂର୍ତ୍ତରେ..
ବସିଥିଲି କୋଉ ଏକ ଗୁମୁଟ ଉପରେ..
ପ୍ରତୀକ୍ଷା କରିଥିଲି କେବେ ତୁମେ ଆସିବ
ଆଉ ଭାସିଯିବା ଆମେ ଆଉ କେଉଁ ଦୁନିଆରେ।

ବାସ୍ ତୁମେ ଆସିଥିଲ ସତ..
ଦୂରୁ ଦେଖି ଖୁସିରେ ନାଚି ଉଠୁଥିଲା..
ମୋ' ମନ ଓ ହୃଦୟ..
ପ୍ରକମ୍ପିତ ହଉଥିଲା ମୋ' ସାରା ଶରୀର।
ବାସ୍ ତୁମେ ପହଞ୍ଚି ବି ଗଲ ମୋ'ରି ପାଖକୁ
ଯଦିଓ ନଥିଲା ତୁମ ମୁହେଁ ହସ....
ଦଉଡି ଯାଇଥିଲି ଖୁସି ହୋଇ ତୁମରି ଆଡ଼କୁ
ବଢ଼ାଇ ଦେଇଥିଲି ହାତ ଆଲିଙ୍ଗନ କରିବାକୁ।

କିନ୍ତୁ ତୁମେ ମନାକଲ
ଆଉ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଲ
ବୁଝି ପାରୁନଥିଲି କିଛି, କାହିଁକି ଏମିତି କଲ ।
କେଇ ମୁହୂର୍ତ୍ତର ନୀରବତା....
ଦୀର୍ଘ ନିଶ୍ୱାସ ମାରି କହୁଥିଲ କଥା....
ବାପା ଜାଣିଗଲେ ଆମ ପ୍ରେମ ବାରତା....
କହିଲେ ମୋତେ ଏଇମିତି କିଛି କଥା ।
ଯାହା ଆଜି ପୂର୍ଣ୍ଣଚ୍ଛେଦ ଭିଡ଼ିଦବ
କାଲିଠୁ ରହିବନି ଆଉ ଆମ ଏଇ ପ୍ରେମ ସମ୍ପର୍କଟା..
କାଲିଠୁ ମୁଁ ....ମୁଁ ଓ ତୁମେ....ତୁମେ ହେଇ ବଞ୍ଚିବ।

କେଇ ମୁହୂର୍ତ୍ତ ପାଇଁ ହେଇଗଲି ସ୍ତବ୍ଧ,
ନିର୍ଭୀକ ଓ ନିର୍ବିକାର
ଖସି ଯାଉଥିଲା ପାଦ ତଳୁ ମାଟି
ଆଉ ମୁଣ୍ଡ ଉପରୁ ଆକାଶର ଚାଦର।

କୋଉଠି ମୋ' ଭୁଲ୍ ଥିଲା,
ନା ପ୍ରେମରେ କିଛି ଛଳନା ଥିଲା,,
ତା' ହେଲେ କାହିଁ ହେଲା ଏ ପ୍ରତାରଣା..
କାହିଁ ଅଦିନିଆ ଝଡ଼ ଆସି
ଭାଙ୍ଗି ଦେଇ ଚୁରମାର କରି ଚାଲିଗଲା,
ମୋ'ସୁନ୍ଦର ଅଧାଗଢା ପ୍ରେମର କୋଣାର୍କ..
ହଠାତ୍ ଏମିତି ଚିତ୍କାର କରୁକରୁ ....
ନିଜକୁ ପାଇଥିଲି ମୋ' ଖଟିଆ ଉପରେ...।

ରାତି ପାହିନି ......ହେଇନି ସକାଳ..
ତଥାପି ମୁଁ ଇତସ୍ତତଃ ମୋ' ବିଛଣା ଉପରେ..
କିଛି ସମୟର ନୀରବତା ପରେ
ଯଦିଓ ଜାଣିଲି ଏ ଥିଲା ସ୍ୱପ୍ନ......
ଏଥିରେ ନଥିଲା କିଛି ବାସ୍ତବ.....
ତଥାପି ଥରୁଥିଲା ଛାତି......
ଭାବି ଏଇ ଶୁନ୍ୟ ପ୍ରତାରଣାର ମୁହୂର୍ତ୍ତ।

ଫୁଲବାଣୀ ମୁଖ୍ୟ ଡାକଘର
ଫୁଲବାଣୀ

# ବ୍ୟର୍ଥ ମଣିଷ

ମନୋଜ ମିଶ୍ର



ସମ୍ପର୍କ ଯେବେ
ଜଉଘର ପାଲଟେ
ସପନ ଯେବେ
ଦୂର ବତୀଘରଟେ,
ଜୀବନ ଯେବେ
ବ୍ୟର୍ଥତାର ନିଆଁରେ ଆଉଟେ
ସପନ ଭଙ୍ଗା-
ସକାଳରେ ଯେବେ
ଧୂଆଁ କୁହୁଡି ଘୋଟେ,
ଆପଣା ଲୋକର
ପ୍ରତାରଣାର କୋହରେ
ବୁକୁ ଫାଟେ ,
ଆଲୋକ ବଦଳେ
ଅନ୍ଧାରେ ନିଜକୁ ଖୋଜେ
ବ୍ୟର୍ଥ ମଣିଷଟେ ।

ନୟାହାଟ, କାକଟପୁର, ପୁରୀ

# ପ୍ରତାରଣା

**ନରୋତ୍ତମ ବେହେରା**

ପ୍ରତାରଣା ଶବ୍ଦ ଯନ୍ତ୍ରଣାଦାୟକ
ଅନୁଭବୀ ବେଶୀ ଜାଣେ
ଶ୍ରବଣକର୍ତ୍ତାର ଲୁହ ବୋହିଯାଏ
ସହି ନ ପାରି ପରାଣେ ।

ଧନ ମନ ପାଇଁ ନାନା ପ୍ରତାରଣା
ମିଳିଥାଏ ସମାଜରେ
ଦିଏ ବହୁ କଷ୍ଟ କରେ ପଥଭ୍ରଷ୍ଟ
ପ୍ରେମ ପ୍ରତାରଣା ପରେ ।

ନେଇକି ନ ଦେଲେ ନ ଦେଇକି ନେଲେ
ହୁଏ ଧନ ପ୍ରତାରଣା
ଅନେକ ସମୟେ ଏଥିଯୋଗୁଁ ନର
ହୋଇଥାଏ ବାଟବଣା ।

କଥା ନ ରଖିଲେ ନ ରଖି କରିଲେ
ଭଣ୍ଡାଇଲେ ମିଛ କହି
ଯୋଗ୍ୟାଯୋଗ୍ୟ କ୍ଷେତ୍ରେ ଅନ୍ୟାୟରେ ମନ-
ପ୍ରତାରଣା ନାମ ବହି ।

ସେନେହ ମମତା ପ୍ରୀତି ପ୍ରଣୟରେ
ଯଦି ହୁଏ ବାଧା ସୃଷ୍ଟି
ଥିଲେ ବି ଜୀବନ ନ ଥିବା ସମାନ
ଯନ୍ତ୍ରଣା ହୁଅଇ ବୃଷ୍ଟି ।

ପ୍ରେମ ପ୍ରତାରଣା ଭାବେ ଏହା ଗଣା
ସମାଜର ବଡ ରୋଗ
ବିତୃଷ୍ଣା ବୈରାଗ୍ୟ ସୃଷ୍ଟିର କାରଣ
ପ୍ରତାରଣା ହେଲେ ଯୋଗ ।

ସାଧୁତା ସଚ୍ଚୋଟ ନ୍ୟାୟ ଧରମରେ
ନାହିଁ ପ୍ରତାରଣା ସ୍ଥାନ
ପ୍ରତାରଣା ହୀନ ମାନବ ଜୀବନ
ସଦା ହୁଅଇ ମହାନ ।

**ସମ୍ପାଦକ**
**ସବୁଜ ସାହିତ୍ୟ ସଂସଦ**
**ପାଣିକୋଇଲି, ବାଙ୍କୀ, କଟକ**

# ପ୍ରତାରଣା

ସାରଙ୍ଗଧର ଷଡଙ୍ଗୀ

ଏଠି ସବୁ ପ୍ରତିଶ୍ରୁତି
ପ୍ରତାରଣା ଭିତରେ ଆବଦ୍ଧ ......
ସପନ ସରିନି ସକାଳ ହୋଇନି
ରାତି ପାହିଯାଏ..........
ଫୁଲଟି ଫୁଟିବା  ଆଗରୁ
ଅକାଳରେ ଝଡ଼ି ଯାଏ ।
ଦୁଃଖ ବିଭୀଷିକା ଭିତରେ
ଆଖିରୁ ଲୁହ ଶୁଖେନି,
ହୃଦୟରେ ଗଭୀର କୋହ ଉଠେ
ପ୍ରତିଶ୍ରୁତି ପ୍ରତାରଣା ଭିତରେ
ମଣିଷ କେତେଦିନ ବା ବଞ୍ଚିବ !
ପିତାମାତା ରକ୍ତକୁ ପାଣି ଫଟେଇ
ସନ୍ତାନ ମାନଙ୍କୁ ମଣିଷ କରନ୍ତି ,
ଶେଷରେ ହୁଅନ୍ତି ପ୍ରତାରଣାର ଶୀକାର
ଜରାଶ୍ରମ ହୁଏ ତାଙ୍କର ଶେଷ ଠିକଣା ,
ଥୁଣ୍ଟା ବରଗଛ ଭଳି କେହି
ତାଙ୍କର ହିସାବ ରଖନ୍ତିନି ।
ଶାନ୍ତି ଖୋଜୁଖୋଜୁ............
ପରିବାର ସମାଜରୁ ମିଳିଥିବା
ପ୍ରତିଶ୍ରୁତି ସବୁ ଶେଷରେ
ପ୍ରତାରଣା ପାଲଟିଯାଏ....।

# ପ୍ରତାରଣା

ଯଜ୍ଞଦତ୍ତ ସାମନ୍ତରାୟ

ଏଇ କିଛି ଦିନ କଥା,
କଥା ଦେଇ ତୁମେ
କଥା ରଖିଲନି
ଭଲ ପାଇ ତୁମେ
ଭୁଲିଗଲ ମୋତେ
ମରମେ ଲାଗୁଛି ବ୍ୟଥା ।

ସଂପାଦକ, ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ



# ମଉଳା ଫୁଲର ଛାଇ

ପୂର୍ଣ୍ଣ ଦାସ

ଅନାମିକା !
ରକ୍ତ ବି ମିଛ
ଅଳତା ବି ମିଛ
ମିଛ ଏ ଚୁନେରୀ ମୁହଁ,
ସତ କାଠଗଣ୍ଡି
ଶୃଖ୍‌ଲା ଓଠରେ
ମହୁର ମଧୁର ମୋହ ।

କୃଷ୍ଣଚୂଡ଼ାର
ଲାଲ ଛାଇରେ
ମିଛର ଅଳତା ଢଳା,
ଫିକା ପଡ଼ିଆସେ
ବୟସର ରଙ୍ଗ
ଚିମୁଟେ ଲୁହରେ ଗୋଳା ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର



# ପ୍ରତାରଣା

**ବାସନ୍ତୀ ବାରିକ**

ଜାଣିନଥିଲି ସମ୍ପର୍କଟା ଏତେ ଦୁଃଖ ବୋଲି,
ଆଶା ଆକାଂକ୍ଷା ଦେଇ ଛିଡ଼ିଯାଏ ବୋଲି।
ସ୍ନେହ ପ୍ରେମ ଆନନ୍ଦର ମିଠାମିଠା କଥାରେ,
ସ୍ୱାର୍ଥର ଫାଇଦା ଥାଏ ଅନ୍ତର ଭିତରେ।

ଆରମ୍ଭ ତ' ହୋଇଥିଲା ସ୍ନେହ
ପ୍ରେମ ଡୋରରେ,
ଆଜି କାହିଁ ଛିଡ଼ିଗଲା
ଘୃଣା ଅବୁଝା ସନ୍ଦେହର ଘେରରେ।

ଭଲ ଗୁଣ ଭଲ ଲାଗେ ମନେ ରହିଯାଏ,
ଜିଦ୍ ଦୁର୍ବଳତା ଏଠି ସମ୍ପର୍କ ଛିଡ଼ାଏ।
ଭାବେ ଖାଲି ଗୋଟେ କଥା,
କେହି କାହିଁ ବୁଝେନାହିଁ ହୃଦୟର ବ୍ୟଥା।

ଦୁଃଖ ନାହିଁ ସେଥିପାଇଁ,
ବିଭୁକୃପା ବିନା ସତ୍ୟ କିଛି ନାହିଁ।
ସବୁ କିଛି ଭୁଲି ଯାଏ
ମନେ ରଖି କି ଲାଭ,

ନାଗଫାଶ ବିଛାଇଛି ମାୟା
କାମ କ୍ରୋଧ ଲୋଭ।
ପରକୁ ଆପଣା ଏଠି ନୁହଁଇ ସମ୍ପର୍କ,
ପ୍ରତି ମୁହୂର୍ତ୍ତରେ ଚିନ୍ତା ଯୁକ୍ତି ବିତର୍କ।

ପତନ ପଥର ଏଠି
ସାଜ ନାହିଁ ଅତିଥି,
ଗୁରୁକୃପା ବିନା ନାହିଁ
ଜୀବନରେ ଶାନ୍ତି।।

**ସାତଶଂଖ, ନୂଆପଡ଼ା, ପୁରୀ**



# ପ୍ରତାରଣା ଏକ ସ୍ମୃତି

ଡା: ବିଧୂତ୍ ଶେଖର ମିଶ୍ର

ସ୍ମୃତି ତୁମେ ଏତେ ପରିହାସ କର
ଅତୀତର ସାଥି ହୋଇ,
ଅତୀତ ତୁମେ ବି ପ୍ରତାରକ ଜଣେ
ମୋ' ଆଖି ଲୁହକୁ ପିଇ ।

ସ୍ନେହ ତୁମେ ଏତେ ନୀରବ ଦ୍ରଷ୍ଟା
ଘୃଣାର ଉହାଡ଼େ ରହି,
ଘୃଣା ହେ, ତୁମେ ପାଲଟି ଗଲଣି
ହୀନମନ୍ୟତାର ଭାଇ ।

ମମତାର ଫୁଲ ମଉଳି ଗଲାଣି
ତିକ୍ତତା ଡାଳରେ ରହି,
ତିକ୍ତତା ଏବେ ଫୁଟାଏ ମହକ
ଅନିଶ୍ଚିତତାରେ ଥାଇ ।

ତୁମ ସ୍ମୃତି ଆଜି ମରମ ଦହୁଛି
ଗାଏ ବିରହ ସଂଗୀତ
କେଉଁଠାରେ ଥିଲା ଦୋଷ ତ୍ରୁଟି ମୋର
ଛାଡିଦେଲ ମୋର ହାତ ।।

ଏ ଶୂନ୍ୟ ହୃଦୟ ଆଜି ବି ଖୋଜୁଛି
ପୂର୍ଣ୍ଣତାର ପ୍ରାପ୍ତି ପାଇଁ,
ପ୍ରତାରଣାର ଏ ନୀରବ ଆଘାତ
ପାରେନା ମୁଁ ଆଉ ସହି ।।

ପ୍ରତିଧ୍ୱନି କହେ ପ୍ରତାରଣା ଏଠି
ଗୁମୁରି ଗୁମୁରି କାନ୍ଦେ
ଆସିବ କି ପ୍ରିୟା ମୋ' ମନ ମନ୍ଦିରେ
ରାଗ ରାଗିଣୀର ଛନ୍ଦେ !!

ଜୀବନଟା ଏଠି ଏଡିକି ବିଷମ
ମରଣ ଆସଇ ଧାଇଁ
ସ୍ୱଳ୍ପ ଦିନର ଏ ପ୍ରେମ ପ୍ରତାରଣା
ରହିବ କି ସ୍ମୃତି ହୋଇ !!

ପାରଳାଖେମୁଣ୍ଡି, ଗଜପତି

# ତୁମେ ଚାହିଁଥିଲେ

**ଶକ୍ତି ଦାସ**

ତୁମେ ଚାହିଁଥିଲେ
ଆମ ସଂପର୍କଟା
ସୁସମ୍ପର୍କ ହୋଇ
ଜନ୍ମ ଜନ୍ମ ଧରି
ରହି ଥାଆନ୍ତା.......

ତୁମେ ଚାହିଁଥିଲେ
ବିରହର ରାତି
ଆଖି ପିଛୁଳାକେ
ପଲକ ଉଠାଇ
ପାହି ଥାଆନ୍ତା........

ତୁମେ ଚାହିଁଥିଲେ
ମନ ଉପବନେ
କୋକିଳ ଅଦିନେ
ପ୍ରେମ ଗୀତ ଆସି
ଗାଇ ଥାଆନ୍ତା........

ତୁମେ ଚାହିଁଥିଲେ
ବିରହ ବେଦନା
କିନ୍ତୁ ସମ୍ଭାବନା
ଜୀବନ ଯାତ୍ରାରେ
କାହିଁ ଥାଆନ୍ତା................

ବ୍ରାହ୍ମଣ ଝରିଲୋ, କଟକ

# ଅତୀତର ପାହାଚ

ଅନୀତା ଦାସ

କଥା ଥିଲା ଧୂ ଧୂ ଖରାରେ ସିଝି
ଢୁ ଢୁ ବର୍ଷା ରେ ଭିଜିଭିଜି
ସକାଳ ର କୁହୁଡ଼ି ରେ ହଜି
ଦେଖିବା ସପନ ମିଳିମିଶି ।

ଖରା ଆସି କରେ କଲବଲ
ବର୍ଷା ପାଣି ଧୋଇଦିଏ ଆଖିଲୁହ
ପାହାନ୍ତି କାକରରେ ଓଦା ସ୍ୱପ୍ନ
ଖୋଜନ୍ତି ସ୍ମୃତି ସବୁ ଆଖି ବୁଜି ।

ଆଖିଖୋଲି ଯେବେ ଚାହିଁ ଦେଖେ
ଆନ ମନା ହୋଇ ଚାଲୁଛି ପାଦ
ଆଗରେ ପଛରେ ଅନେକ ଗହଳି
ହେଲେ ସାଥିରେ ନାହିଁ ଜଣେ କେହି ।

ଭାବନାର ଝାପ୍ସା ଆଲୁଅରେ
ମନର ଅଳନ୍ଧୁ ତଳୁ ଫୁଟି ଦିଶେ
ଆତ୍ମୀୟତାଭରା କିଛି ପ୍ରତିଶ୍ରୁତି
ବିସ୍ମୃତିର କିଛି ହଜିଲା ଛାଇ ।

ଅତୀତର ଦଦରା ପାହାଚରୁ
ଶୁଭୁଥାଏ ଖୁସିର ପ୍ରତିଧ୍ୱନି
ମେଞ୍ଚେ ଶୂନ୍ୟତା ଓ ପୁଳେ ଅନ୍ଧାର
ଧୀରେଧୀରେ ପାଖକୁ ଆସନ୍ତି ଘେରି ।

୮୪୦, ପ୍ରଶାନ୍ତି ବିହାର
ଭୁବନେଶ୍ୱର

# ତୁମେ ଗଲା ପରେ



ସବିତା ମହାପାତ୍ର

ତୁମେ ଗଲା ପରେ
ସମୟର ଯାତନା ପଥରୁ
ଏକଲା ମୁଁ ସାଉଁଟି ଚାଲିଛି
ତୁମେ ଦେଇଥିବା ଲୁହର ଉପହାର
କେତେ ବେସ୍ୱାଦ ସତେ ଏ ରଙ୍ଗହୀନ ଜୀବନ..

ତୁମେ ଗଲା ପରେ
ଶୀତ ସକାଳର କଅଁଳ ଖରା
ମନକୁ ଆଉ ପୁଲକିତ କରୁନି
କି ବର୍ଷା ପରର ଭିଜା ମାଟିର ବାସ୍ନା
ଆଉ ମହକ ଦେଉନି,
ବସନ୍ତ ଋତୁ ଏବେ ରଙ୍ଗହୀନ
ତୋଫା ଜହ୍ନ ମଳିନ...

ତୁମେ ଗଲା ପରେ
ମେଘକୁ ଦେଇ ନାହିଁ ଅନୁମତି
ଭିଜେଇବାକୁ ମୋ' ଘର ଅଗଣା
କାଳେ ଶିହରୀ ଉଠିବ ଏ ଦେହ
ମତୁଆଲା ପବନର ଶୀତୁଆ ସ୍ପର୍ଶରେ....

ତୁମେ ଗଲା ପରେ
କୋହରେ ଜଳୁଛି ଅନ୍ତରର କ୍ଷତ
ଲୁହରେ ଭିଜୁଛି ଅସହ୍ୟ ବିଚ୍ଛେଦ
ଧିରେ ଧିରେ ମୁଁ ପାଲଟି ଯାଉଛି
ପାଷାଣୀ ଅହଲ୍ୟାଟିଏ....

ତୁମେ ଗଲା ପରେ
କିନ୍ତୁ
ବେଶି ଆନନ୍ଦ ମିଳୁଛି
ଶ୍ମଶାନର ଜୁଇର ବାସ୍ନା
ଆଉ ଶାନ୍ତି ମିଳୁଛି
ଗାଢ଼ ଅନ୍ଧାର ରାତ୍ରିରେ
ନୀରବେ ଅଶ୍ରୁ ଢ଼ାଳିବାରେ...

ତୁମେ ଗଲା ପରେ
ମାଟିରେ ମିଶିବା ବାକି ଅଛି
ତୁମେ ଧରାଇଛ  ଯେଉଁ ଜହର ପିଆଲା
ଆହୁରି ଢୋକେ ବାକି ଅଛି.....

ମହାତ୍ମାଗାନ୍ଧୀ ମାର୍ଗ,
କବିସୂର୍ଯ୍ୟନଗର, ଗଞ୍ଜାମ

# ଲୀନାନାଗ୍

ପ୍ରଜ୍ଞା ମହାନ୍ତି



ଲୀନାନାଗ୍ ତା' ଗାଉଁଲୀ ସହରରେ
ନିଦାଘର କୃଷ୍ଣଚୂଡା
ଶୀତର କେତକୀ
ପୁଣି ବର୍ଷାର କଦମ୍ବ ଭଳି
ସଭିଙ୍କର ପ୍ରିୟ ।
ଦେଖି ତା' ଚିବୁକ ଆବର୍ତ୍ତ
କେତେ ଯେ ଉଦବାସ୍ତୁ
ଘୂର୍ଣ୍ଣି ଖାଉଖାଉ ମନକୁମନ
ହୋଇଗଲେ ପ୍ରତାରିତ ।
ଲୀନାନାଗ୍ କିନ୍ତୁ ଅହଂକାରର
ସପ୍ତଫେଣୀ ଭିତରେ
ଲୁଚାଇ ନିଜକୁ
ଖୋଜୁଥିଲା ମନର ମଣିଷ ।

ହେଲେ, ମୁଠାରୁ ଖସି ତା' ବୟସ
ଏବେ ମାଖି ହୋଇଗଲାଣି
ଆଖିତଳେ ହୋଇ କଳାଦାଗ
ଅଥଚ ସ୍ୱାଭିମାନୀ ଲୀନାନାଗ୍
ଆଜି ବି ବେଦାଗ ।
ଆଜିକାଲି ଫର୍ଚ୍ଚାରେ ନହେଲେ ମଧ
ପାର୍କ ମର୍ଣ୍ଣିଂୱାକରେ ତା' ଚର୍ଚ୍ଚା
ଲୀନାନାଗ୍ କୁ ପ୍ରତାରଣା କଲା କିଏ !
ଫଗୁଣ ପରା ସିଏ
ବାହୁଡ଼ି ଗଲା ସମୟ ହାତଧରି
ହେଲେ ବୟସର ପ୍ରତାରଣା ପରେ
ଲୀନାନାଗ୍ ଆଜି ବି ସୁନ୍ଦରୀ ।
ସ୍ୱପ୍ନରେ ତା' ନୀଳପୁରୁଷ
ତେଣୁ ଓଠେ ଭରି ମଲ୍ଲୀକଢ଼ି ହସ
ଲୀନାନାଗ୍ ଆଜି ବି ବିନ୍ଦାସ ।

ମାତୃ ନିବାସ, ମାତୃ ବିହାର
ବୁଢ଼ାରାଜା, ସମ୍ବଲପୁର



# ପ୍ରତାରଣା

**ଜୟନ୍ତୀ ସ୍ୱାଇଁ**

ଯାହାପାଇଁ ମୁହିଁ, ତୋଳିଥିଲି ଏଇ
ହୃଦୟରେ ଗୋଟେ ଘର,
ଜାଣି ମୁଁ ନଥିଲି, ସିଏ ପୁଣି ଏକ
ଏମିତିକା ଯାଯାବର...।।

ଆପଣାର ହୋଇ ବାଟ ଚାଲୁଥିଲି
ଯାହାର ଜୀବନ ପଥେ,
ସାତପର କରି ଚାଲିଗଲା ସିଏ
ବିରହେ ଜୀବନ ବିତେ...।।

ଯିଏ ଥିଲା ମୋର ଆଖିର ପଲକ-
ହୋଇ ମୋ' ଆଖିର ଜ୍ୟୋତି
ସ୍ୱପ୍ନ ଆକାଶରେ ଉଡ଼ି ବୁଲୁଥିଲୁ
ପ୍ରୀତିରଙ୍ଗ ପ୍ରଜାପତି...।।

ଦେହ ମନ ପ୍ରାଣ ସମର୍ପଣ କଲି
ଯାହାକୁ ଅକୁଣ୍ଠ ଚିତ୍ତେ,
ବିଶ୍ୱାସରେ ବିଷ ଭରିଦେଲା ସିଏ
ନିରୋଳାରେ ବସି ଚିନ୍ତେ...।।

ଯାହାକୁ ସଜେଇ ରଖିଥିଲି ମୁହିଁ
ଏତେଦିନ ହୃଦୟରେ
ହୃଦ ସିଂହାସନ କରିଦେଇ ଶୂନ୍ୟ
ଚାଲିଗଲା ବହୁଦୂରେ...।।

ଯାହା ସହ କଥା ହୁଏନାହିଁ ଶେଷ
ଦିବା ନିଶି ଯାଏ ପାହି,
ଆଜି ପଦୁଟିଏ କଥା ହେବାପାଇଁ
ତା' ପାଖେ ସମୟ ନାହିଁ...।।

ଯେଉଁ ଆଖିରେ ସେ ଭରିଦେଇଥିଲା
ସପନ ତ' ଅସୁମାରୀ
ସେ ଦୁଇ ଆଖିକୁ ଲୁହରେ ଭିଜେଇ
ରହି ପାରିଲା କିପରି...!!

ଯିଏ ଥିଲା ଦିନେ ଅତି ଆପଣାର
ସେ ଆଜି ଅଚିହ୍ନା ଲାଗେ
କେଉଁ ଅପରାଧେ, ପର କରିଦେଲା
ହୃଦୟେ କମ୍ପନ ଜାଗେ...।।

ଯିଏ ଦେଉଥିଲା ମିଠା ଅନୁଭୂତି
ସିଏ ଗଲା ସ୍ମୃତି ହୋଇ
ସେଇ ସ୍ମୃତି ଟିକ ସମ୍ବଳ କରିକି
ଜିଉଁଛି ଜୀବନ ମୁହିଁ...।।

**ବରାଙ୍ଗ, ଅନ୍ତରଙ୍ଗ, ପୁରୀ**

# ପ୍ରତାରଣା

**କାଞ୍ଚନ ସାହୁ**

କାହାକୁ କହିବା ପ୍ରତାରଣା ଆମ୍ଭେ କିଏ ସେ ମହାନ୍ ବ୍ୟକ୍ତି
କେତେ କମନୀୟ ରୁପବନ୍ତ ସେହି ବୁଲୁଥାଏ ମୁଖାପିନ୍ଧି ।
ଅନେକ ପ୍ରକାର ପ୍ରତାରଣା ଅଛି ସବୁସହି ହୋଇଯାଏ
ପ୍ରେମ ପ୍ରତାରଣା ଏଡ଼େ ନିଦାରୁଣ ଜିଅନ୍ତା ଜଳାଇ ଦିଏ ।
ମନେପଡ଼େ ସେହି ହଜିଲା ଅତୀତ ପ୍ରେମୀ ଯୁଗଳଙ୍କକଥା
ଯେଉଁଠି ଶୁଣିବ ତାଙ୍କରି ଚର୍ଚ୍ଚାଟା ମୁଖରିତ ହୁଏ ସଦା ।
ଉଚ୍ଚ କୁଳର ସେ ବଡ଼ଘର ପୁଅ ଗାଆଁରେ ଖାତିରି ଥିଲା
ଅନେକ ବଖରା ଖାଲି ପଡ଼ିବାରୁ ଦେଉଥିଲା ଘରଭଡ଼ା ।
ଶୁଦ୍ର ପରିବାର ଘରଭଡ଼ା ନେଇ ରହୁଥିଲେ ତାଙ୍କ ଘରେ
ବେନି ପରିବାର ମିଶି ଚଳୁଥିଲେ ସ୍ୱାର୍ଥ ଲୁଚିଥିଲା ଦୂରେ ।
ଶୁଦ୍ର ଲୋକଟିର ଝିଅଟିଏ ଥିଲା ସତେ ସ୍ୱର୍ଗ  ଅପସରୀ
ଚନ୍ଦ୍ରକଳା ପରି ବଢୁଥିଲା ସେହି ପନ୍ଦର ଫଗୁଣ ସାରି  ।
ବଡ଼ଘର ପୁଅ କୌଶଳ କରିଣ ପିଛା ନଛାଡ଼ଇ ତା'ର
ଶୀଉଳି ଲଗା ସେ ତୁଠ ପଥରରେ ଝିଅ ଗୋଡ଼ ଟଳମଳ ।
ଦୁହେଁ ତ ଦୁହିଁଙ୍କୁ କଥା ଦେଇଥିଲେ ସାତ ଜନମର ଲାଗି
ବିବାହ ପୂର୍ବରୁ ସାବିତ୍ରୀ ବ୍ରତଟା କରୁଥିଲେ ଲୁଚି ଲୁଚି ।
ଝିଅ ବାପାମାଆଙ୍କ ଅସହାୟ କଥା ଜାଣି ପାରୁଥିଲା ପୁଅ
ଝିଅର କାନ୍ଧରେ ବନ୍ଧୁକ ରଖିଣ କରୁଥିଲା ରାଜ ଜୟ ।
ବହୁଆଡ଼ୁ ବହୁ ପ୍ରସ୍ତାବ ଆସିଲା ଝିଅ ବିଭାଘର ଲାଗି
ବାପାମାଆ ଯେତେ ବୁଝାଇ କହିଲେ ଝିଅ ନହୁଅଇ ରାଜି ।
ସାନ ଭାଇ ଭଗ୍ନୀ ବିଭା ହୋଇକରି ସୁଖରେ ସଂସାର କଲେ
ବଡ ହୋଇକରି ବାଡ଼ୁଅ ରହିଲା ଲୋକେ ଅପନିନ୍ଦା କଲେ ।
ସାଙ୍ଗସାଥିମାନେ ଯେତେ ବୁଝାଇଲେ ସେ ପଥୁ ଓହରି ଆସ
ମଣିଷ ଚିହ୍ନିବା ଭୁଲ କରିଛୁ ତୁ' ଧୋକା ଦେବ ସେ ନିଶ୍ଚିତ ।
ଯେତେ ଯାହା କହ ଭୁଲି ପାରିବିନି ଦେଉଥିଲା ସେ ଉତ୍ତର
ତୁମେ ତ କାହାକୁ ଭଲ ପାଇନାହଁ ମରମ କିଜାଣ ତା'ର ।
କିଛିଦିନ ଅନ୍ତେ ଜମିଦାର ଘର ବୋହୂ ଖୋଜିବାକୁ ଗଲେ
ସୁନ୍ଦରୀ ଶିକ୍ଷିତା ସହରି ବୋହୂଟେ ପ୍ରସ୍ତାବ ପକ୍କା କରିଲେ ।
ସ୍ଥିର କରି ଦିନ ବୋହୂଘର ଲୋକେ ଆସିବେ ପୁଅକୁ ଦେଖି
ତା' ପୂର୍ବରୁ ପୁଅ ଶପଥ କରାଇ ପ୍ରେମିକାକୁ କହେ ଡାକି ।
ବାହାଘର ମୋର ହେବ ଏ ମାସରେ ମନଦୁଃଖ ତୁ' କରିବୁ ନାହିଁ
ମନାକଲେ ମୋ' ଖାନଦାନିରେ ତ ଆଞ୍ଚ ଆସିବ ତହିଁ ।
କୁଣିଆ ଦେଖିଲେ ବାଡ଼ୁଅ ଝିଅଟେ କାହିଁକି ଏ ଘରେ ଅଛି
ଜମିଦାର କହିଲେ ଚାକରାଣୀଟେ ତ ସବୁକାମ ସେ କରୁଛି ।
ସପନ ରାଇଜ ସୌଦାଗର ଭାବିଥିବା ସ୍ୱପ୍ନ ଦେଖୁଥିଲା
ପ୍ରତାରଣା କରି ଅଳିଆ ଗଦାରେ ତାକୁ ସେ ପକାଇ ଦେଲା ।
କିଏ ଏଠି କାନ୍ଦେ କିଏ ଏଠି ହସେ କିଏପାଏ ପ୍ରତାରଣା
ମାପିଚୁପି ମନ ଆୟତେ ରଖିଲେ ନହୋଇବ ବାଟବଣା ।।

ରେଞ୍ଚ ଶାସନ, ନିମାପଡ଼ା, ପୁରୀ

# ପ୍ରତାରଣା

## ଜୟ କୁମାର ମିଶ୍ର

ପ୍ରତାରଣା ଆଜି, ଦେଖାଏ ତା ମର୍ଜି
ଏଠି, ସେଠି ସବୁଠାରେ,
ନିତି ଜଣା ଶୁଣା, କରେ ବାଟବଣା
ଅଜବ କାଇଦାଟିରେ ॥(୧)
ପ୍ରେମ ପ୍ରତାରଣା, ଅଲେଖା, ଅଗଣା
ପଲ୍ଲୀରୁ ସହର ଯାଏ,
ଯଉବନ ଖେଳ,ଅବସାନ ବେଳ
କାହାକୁ ସେ, ଧୋକା ଦିଏ ॥(୨)
ହୋଇ ସର୍ବହରା, ହୁଅଇ ଅଧିରା
ମଣି ଜୀବନଟି ନ୍ୟୁନ
ସହନ, ସାହସ, ହୋଇଗଲେ ଶେଷ
କରେ ଆତ୍ମହତ୍ୟା ଜାଣ ॥(୩)
ସମ୍ପତ୍ତିଟି ପାଇଁ, ପ୍ରତାରଣା ଥୋଇ
କେତେ ନଟକୂଟ ହାଟ,
ବାପା, ପୁଅଠାରେ, ଭାଇ ଭଗାରୀରେ
ଛନ୍ଦ, କପଟଟି ଭେଟ ॥(୪)
କେତେ ହଣା ମରା, ନଥିବା ଯାତରା
ଜୀବନର ଚଲାପଥେ,
କେତେ ଗୋଛି କଟା, କେତେ ଛି, ଛି କୁଟା
ବାଚନିକ ଯୁଦ୍ଧ ସାଥେ ॥(୫)

ସାଙ୍ଗସାଥି ପ୍ରୀତି, ହୋଇ ଯାଏ ଇତି
ଇଚ୍ଛାଟି ପୂରଣ ହେଲେ
ଦୂର ବ୍ୟବଧାନ, ହୁଅଇ ଗଠନ
ଅହଂ, ଅହମିକା ତୁଲେ ॥(୬)
ମିଳିଲେ କ୍ଷମତା, ପ୍ରଗତିର ପନ୍ଥା
କରେ, ଜ୍ଞାନ ମନ ଅନ୍ଧ,
ମୋହ ମାୟା ଜାଲ, କରେ କଲବଲ
ବିବେକ, ବୁଦ୍ଧିଟି ମନ୍ଦ ॥(୭)
ଆପଣା ଜନଙ୍କୁ, ରକ୍ତ ସମ୍ପର୍କକୁ
ଗାଆଁ ମାଆ ଯାଏ ଭୁଲି,
ଅତୀତର କଥା, ଭୁଲିଯାଏ ମଥା
କେହି ଦୂରଦେଶ ଚାଲି ॥(୮)
ପ୍ରତି ପାଦେ ପାଦେ, ଅହରହ ଛନ୍ଦେ
ବିଶ୍ୱାସରେ ବିଷ ଭରା,
ଧନଟି ସର୍ବସ୍ୱ, କ୍ଷମତାର ଆଶ
ପ୍ରତାରଣା ଖେଳଘର ॥(୯)
ସନ୍ଦେହ ଧୂମାଳ, କରେ ମନ କୋଳ
ଭରସା ଧରଇ ଖଟ,
ଅସଲି, ନକଲି, ଭାବଟିକୁ ଭାଳି
ହୁଏ ମନ ଛଟପଟ ॥(୧୦)
କିଏ ଆପଣାର, କିଏ ଅବା ପର
ଜମା ବାରି ହୁଏ ନାହିଁ,
ପାଉଁଶ ତଳର, ନିଆଁ ନିରନ୍ତର
ସନ୍ଦେହ ଉଷ୍ମ ସେହି ॥(୧୧)

ମିଳିଲେ ମଉକା, ମତିଗତି ଫିକା
ନିଜ ସ୍ୱାର୍ଥ, କଳି, ଭାଳି
ପର ସ୍ୱାର୍ଥଟିରେ, ଜହରଟି ଭରେ
ପ୍ରତାରଣାଟିର ଝଳି ॥(୧୨)
କାହାର କଥାକୁ, କାହାର ବାର୍ତ୍ତାକୁ
କଳିବା ଦୁଃସହ କଥା,
କିଏ ସାଧୁ, ସନ୍ଥ, କିଏବା ପବିତ୍ର
ଚିହ୍ନା, ଅଚିହ୍ନାର ପନ୍ଥା ॥(୧୩)
ଦୋଛକି ଜୀବନ, ସଂଶୟଟି ଘନ
କେଉଁ ଆଡେ ଗତି ମୁକ୍ତି ???
କିଏ ଆହା ସାହା, କିଏ ଦେବ ରାହା
ତୁଟି ଗଲେ ବଳ ଶକ୍ତି ॥(୧୪)
ଖାଇବା ବୋହିବା, ଗଛିତକୁ ନେବା
ଆକୁଳ ବିକଳ ମନ,
ପାଇବାର ଲୋଭ, ନାଟକ କରିବ
ଅଭିନୟେ ସଦା ଧ୍ୟାନ ॥(୧୫)
ଖାଲି ମିଠାକଥା, ଆଶ୍ୱସ୍ତି, ମମତା
ମାୟା ମରୀଚିକା ଖେଳ
ଆନ୍ତରିକ ହୀନ, ସରାଗ, ସମ୍ମାନ
ପ୍ରତାରଣା ପ୍ରତିଫଳ ॥(୧୬)

ବୁଦୁରା, ଗିରିବନ୍ଧା, କାଶୀନଗର, ଗଜପତି



# ପ୍ରତାରଣା

**ଅଞ୍ଜଳି ଦାସ**

ମୃତ୍ୟୁ ଆସୁ ଅବା ପଥପ୍ରାନ୍ତେ ପଡୁ
କହଇ ଏ ଯୁଗ ସତର୍କ କରାଇ
ତଥାପି ତାକୁ ନୁହେଁ ଦେଖିବାର
ଦୟାକରି ତା' ମୁହେଁ ଭରିଲେ ଜଳ
କ୍ଷଣକରେ ହୁଏ ସେ ପ୍ରବଳ
ଦେଖାଏ ସେ ପୁଣି ତା' ବାହୁବଳ
ଏମାନେ ସବୁ ପ୍ରତାରକ !
ଏମାନେ ପଥପ୍ରାନ୍ତର ଏକ
ଗଳିତ ନଖଦନ୍ତ ଦୁର୍ବଳ ବ୍ୟାଘ୍ର ସମ
ଛଳନାର ଏକ ଭୟଙ୍କର ଅବତାର
ଏମାନଙ୍କ ଦଂଶନରେ ଭରିଛି
କେବଳ ହଳାହଳ ବିଷ ଆଉ ବିଷ
ସମ୍ପର୍କ ଏମାନଙ୍କ ପାଇଁ
ଏକ କୃତଘ୍ନ ତଥା
ପ୍ରତାରଣାର ପରିଚୟ !!

ଅସ୍ତରଙ୍ଗ, ପୁରୀ



# ପ୍ରତାରଣା

ସୁନୀଲ ନାୟକ

ଭଲ ପାଇବା କି ପ୍ରତାରଣା ଖାଲି
ପ୍ରେମ ମାନେ କ'ଣ ଯାତନା ?
ଭଲ ପାଇବା କି ଏଡ଼େ ଅପରାଧ
ମିଳେ ଖାଲି ଏଠି ଛଳନା ।୧।

ଦୁଇ ହୃଦୟକୁ ବାନ୍ଧିଥିଲି ମୁହିଁ
ବିଶ୍ୱାସର ଶକ୍ତ ରଜ୍ଜୁରେ,
ବିଶ୍ୱାସରେ ବିଷ ମିଶେଇ ଦେଇ ତୁ'
ମାରିଦେଇ କାହିଁ ଗଲୁରେ ।୨।

ପ୍ରେମମାନେ କେବେ ପ୍ରତାରଣା ନୁହେଁ
ପ୍ରେମ ନିତ୍ୟ ଚିର ଶାଶ୍ୱତ,
ପ୍ରେମ କେବେ ନୁହେଁ ଭୋଗର ଲାଳସା
ତ୍ୟାଗରେ ହିଁ ପ୍ରେମ ନିହିତ।୩।

ଭଲ ପାଇ ତୋତେ ଭୁଲ୍ ମୁଁ କରିଛି
ଆଜି ସିନା ବୁଝି ପାରୁଛି,
ତଥାପି କାହିଁକି ଅମାନିଆ ମନ
ପ୍ରତିକ୍ଷଣେ ତୋତେ ଝୁରୁଛି ।୪।

ସାରା ଜୀବନ ମୁଁ ଜଳୁଛି ଜଳିବି
ପ୍ରେମ ପ୍ରତାରଣା ବହ୍ନିରେ,
ପାଉଁଶ ହୋଇ ବି ପଚାରିବି ମୁହିଁ
ପ୍ରତାରଣା କାହିଁ ଦେଲୁରେ ।୫।

ଅସ୍ତରଙ୍ଗ, ପୁରୀ

# ପ୍ରତାରଣା

ସୌଦାମିନୀ ସାହୁ

ହେ କାହ୍ନା !
ଆଜି ବି ନିରବରେ ଲୁହର ତର୍ପଣ
ରତିମଗ୍ନା ପ୍ରେମିକକୁ ମାଗିବସେ
ସ୍ୱପ୍ନାତୁରା ବୟସେ ନିର୍ବାଣ ।

ପ୍ରତି ମୂହୁର୍ତ୍ତରେ ତୁମ ଛଳନାର
ଗଦାଗଦା ଅହଙ୍କାରର ସ୍ଫୁଲିଙ୍ଗ,
ଜାଳିଦିଏ ମୋ' ହୃଦୟକୁ ଖିନ୍ ଭିନ୍ କରି ।

ନିଦ ସହ ରାତିକୁ ଅପଡ଼କରି
ଲୁହର ଆଖିହଳେ ଚାହିଁଥାଏ
ବାତାୟନ ଧାରେ ତୁମକୁ ବିଶ୍ୱାସକରି।

ବିଶ୍ୱାସଟା ଖଣ୍ଡଖଣ୍ଡ ହୋଇ
ବରଫ ପରି ତରଳି ବହିଯାଏ
ଭରସାର କାଚ଼କାନ୍ଥଟା ଲହୁଲୁହାଣ କରିଚାଲେ ।

ତୁମ ଛଳନାର ପ୍ରତିଟି ଶବ୍ଦ
ପ୍ରତାରଣାର ମହକରେ ଭରା
ମୋତେ ଅଣନିଶ୍ୱାସୀ କରୁଥାଏ ।

ନିଦସହ ରାତିର ଅପଡ଼
ଜୀବନର ଅର୍ଥ ବୁଝୁ ବୁଝୁ
ଅସହଜ ସ୍ପନ୍ଦନରେ
ଛାତିହୁଏ ଧଡ଼ଧଡ଼ ।

ବିଶ୍ୱାସୀ ମେଘଟା ଆଜି
ଭୁଲିଛି ଆକାଶ ଅଗଣା,
ଭରସାର ପାହାଡ଼ କାନ୍ଧିରେ
ସନ୍ଦେହର ସାପକାତି ପରି
ତୁମ ପ୍ରତାରଣାର ଜହରକୁ
ପିଇପିଇ ମୁଁ ସତରେ
ଆଜି ହାରି ଯାଇଛି କାହ୍ନା !!

ସଫା, ଟାଙ୍ଗୀ, କଟକ

# ପ୍ରତାରଣା

ନିରୁପମା ପାଣି

ପ୍ରତାରଣା ଏଠି
କେ ଦିଏ କାହାକୁ
କେହି ତ ସତ କହୁନି
ନିଜ ଦୋଷ ସଦା
ପର ମୁଣ୍ଡେ ଲଦି
ନିଜ ଭୁଲ୍ ଯେ ମାନୁନି

ବିଶ୍ୱାସ  ଭରସା
କରେ ଲୋକ ହସା
ଅର୍ଥ ସ୍ୱାର୍ଥ  ପାଖେ ସଦା
ଆଶା ଆକାଂକ୍ଷାର
ନଥାଏ ସମାପ୍ତି
ସମୟଟା ଦିଏ ବାଧା

ନିଜର ଲାଳସା
ସୀମା ଟପି ଗଲେ
ନୂତନତା ଲୋଡ଼େ ମନ
ପୁରୁଣା ମଣିଷ
ମନରୁ ଦୂରେଇ
ନୂଆ ଜଣେ ନିଏ ସ୍ଥାନ

ପାଇବା ଆଶାରେ
ହରାଇଲା ପରେ
ବେଳକେ ଲାଗେ ଯେମିତି
ପ୍ରତାରଣା ବୋଧେ
ନିଜେ ଦେଇ ପୁଣି
ଖୋଜୁଛି ହଜିଲା ସାଥୀ

ସେହି ଏକା ଜାଣେ
ପ୍ରତାରଣା ପରେ
ପ୍ରତାରିତର ଯନ୍ତ୍ରଣା
ନିତି ମରିମରି
ବଞ୍ଚିବାକୁ ହୁଏ
ହରାଇ ନିଜ ଠିକଣା ।

ଚାନ୍ଦବାଲି, ଭଦ୍ରକ

# ପ୍ରତାରଣା

## ସୁହଂସ ଭୋଇ

ସରଳ ବୁଝେନା କଠିନର ଖେଳ
କୂଟ ବୁଦ୍ଧି କରାମତି
ବିଷକୁ ପିଅଇ ଅମୃତ ସମାନ
ନିଃସଙ୍କୋଚେ ନିତି ପ୍ରତି

ମିଛ ପ୍ରତିଶ୍ରୁତି ଆବରଣ ତଳେ
ଲୁଚିଥାଏ ପ୍ରତାରଣା
ବିଶ୍ୱାସ ସହିତ ଖେଳେ ଲୁଚକାଳି
ଉପରେ ନ ପଡ଼େ ଜଣା

ପିତା ସହ ପୁତ୍ର କରଇ ଛଳନା
ପୁତ୍ର ସହ ପ୍ରଣୟିନୀ
ଭରସାକୁ ଯେବେ ସ୍ୱାର୍ଥଭାରି ହୁଏ
ବଳି ପଡ଼େ ଅଭାଗିନୀ

ହୃଦୟରେ ଘୃଣା ଉପରେ କରୁଣା
ଭାବ ଅନ୍ତରଙ୍ଗ ଅତି
ହୁସିଆର ଥାଏ ଖୋଳପା ଭିତରେ
କୃପାଣ ଯେମିତି ସ୍ଥିତି

ଆତ୍ମୀୟତା ଗଢ଼େ ସମ୍ପର୍କର ସେତୁ
ଦେଇ ତ୍ୟାଗ ଆତ୍ମାହୁତି
ଭାଙ୍ଗିଯାଏ ସେତୁ ପ୍ରତାରଣା ହେତୁ
ଜନ୍ମନିଏ ଅନୁଭୂତି

ପହଣ୍ଡି, ବରଗଡ଼

# ପ୍ରତାରଣା

**ଲକ୍ଷ୍ମୀପ୍ରିୟା ମହାରଣା**

ଜୀବନ ଜୀଇଁବା ବେଳେ
ଡରଲାଗେ ସାମ୍ନା କରିବାକୁ
ଖରା ଆଉ ଛାଇର ଖେଳକୁ
କ୍ଷତାକ୍ତ ସ୍ୱପ୍ନଙ୍କ ବିକଳ ବିସ୍ମୟ ଭିତରେ

କେତେ ବାଟ ଓଗାଳିବାର ସାମର୍ଥ୍ୟ
କିଏ ବା ଯୋଗାଡ଼ କରିପାରିବ
ବିକ୍ଷିପ୍ତ କାଚ ଖଣ୍ଡ ଓ
ତାଜା ରକ୍ତଛିଟା ଭିତରେ

ପ୍ରତାରଣାର ଗୋପନୀୟ
ଷଡଯନ୍ତ୍ର ସମୁଦ୍ର ତରଙ୍ଗରେ
କେବେ କେବେ ନିଃଶବ୍ଦ
ନିଘଞ୍ଚ ଅରଣ୍ୟ ଭିତରେ
ପର୍ଯ୍ୟପ୍ତ କଳାହାଣ୍ଡିଆ ମେଘରେ

ଭିଜିବାକୁ ନିରୀହ ଟୋପାରେ
ଏକା ଏକା ଜଳନ୍ତା ସ୍ମୃତିକୁ
ନିଆଁ ଆଉ ଫୁଲର ମୁହୂର୍ତ୍ତକୁ
ଲୁହ ଭିଜା ଆଖିପତାରେ

ଆହ୍ୱାନ କରେ ବନ୍ୟା ବିଭବରେ
ସ୍ୱପ୍ନ ସବୁ ଭାଙ୍ଗି ରୁଜି ଚୁର୍ ମାର୍
ନୀରବ ସଂଳାପରେ, ଲୁହର ନଈରେ
ଯନ୍ତ୍ରଣାର କୁଞ୍ଚିତ କପାଳରେ

କେବେ ପୁଣି ଭାରି ଭାରି
ପାଦ ଯୋଡ଼ାକରେ
ମଣିଷ ସବୁବେଳେ
ଫିଙ୍ଗି ଦେଉଥାଏ
ତା' ଭିତରେ ପାପକୁ

ଦୂର ପାହାଡକୁ
କୋଳାହଳ ଶୁନ୍ ଶାନ୍ ନୀରବତା
ଛାଇଯାଏ ଜୀବନ ତମାମ୍
ଅନ୍ତ ଘଟେ ଜୀବନର ।

**ଧନୁପାଲି, ସମ୍ବଲପୁର**

# ପ୍ରତାରଣା

ବୀଣାପାଣି ଦେବୀ

ପ୍ରତାରଣା ଏକ ବେଦନାକ୍ତ ଶବ୍ଦ
ଆଘାତ ଅନେକ ଥାଇ
ପ୍ରତାରିତ ହୁଏ ମଣିଷଟା ଆଜି
ପ୍ରତାରଣା ଯାଏ ଦେଇ
ଛଳନା ଜାଲରେ ଛନ୍ଦିବା ପାଇଁ
ତୁମ ଚାରିପଟେ ଘୁରେ
ଆଂକାକ୍ଷା ତାହାର ପୂର୍ଣ୍ଣ ହୋଇଗଲେ
ଚାଲିଯାଏ ବହୁ ଦୂରେ
କେତେ ମିଠାମିଠା କଥା କହୁଥାଏ
ଅନ୍ତରେ ଭରି ଗରଳ
ବୁଝି ପାରେନାହିଁ କପଟତା ଅର୍ଥ
ମନଟା ତା'ର ସରଳ
ଚୋରା ବାଲି ପରେ ପାଦର ପରଶ
ରସାତଳଗାମୀ ଗାମୀ ହୁଏ
ତୃଷାର୍ତ୍ତ ପଥିକ ମରୁଭୂମିପରେ
ମୃଗତୃଷ୍ଣା ଭ୍ରମି ଯାଏ

ପ୍ରେମରେ ପରଶ ଲେପିଦିଏ ବିଷ
ପ୍ରାଣ ହୁଏ ଛଟପଟ
ଆତ୍ମିୟ ସ୍ୱଜନ ବୁଝେନାହିଁ ମନ
ଦେଇଥାଏ ବଡ଼ କଷ୍ଟ
କପଟତା କରି ପଶାକାଠି ଧରି
ଦୁର୍ଯ୍ୟୋଧନ ଖେଳି ଥିଲା
ଧର୍ମ ଯୁଧିଷ୍ଠିର ରାଜ୍ୟ ହାରି ଦେଲେ
ବନବାସ ମିଳିଥିଲା
ପ୍ରତାରଣା ଯିଏ ପାଇଛି ଜୀବନେ
ସନ୍ତାପେ କାଟିବା କାଳ
ମନ ସ୍ଥିରକର ଦୁଖ ହେବ ଦୂର
ଆସିବ ନୂଆ ସକାଳ
ସୁନେଲୀ କିରଣେ ଉଦ୍ଭାଷିତ ହେବ
ତୁମରଗ ଜୀବନେ ଆଭା
ମାୟା ଯିବ କଟି ତୁମେ ବି ପାଇବ
ନବ ଦିଗନ୍ତ ପ୍ରତିଭା ।

ବାଣପୁର, ଖୋର୍ଦ୍ଧା



# ପ୍ରତାରଣା

**କଳ୍ପଲତା ପାଳ**

ତୁମେ କାହୁଁ ଜାଣିବ ମୋ ଛାତିରେ
ଲଦା କେତେ ବ୍ୟଥା
ଖରା, ଛାଇ ଖେଳ ପରି
ଅନ୍ଧାରରେ ବୁଣା ମୋର ଗାଥା ।
ବହଳ ଅନ୍ଧାର ବୁକୁରେ
ମୁଁ ଏକ ବାଲୁକା ଗଦା
ଖୋଜିଛି ମୁଁ ତା' ଭିତରେ
ମୋ ନିଜ ଠିକଣା
ପାଇଛି ମୁଁ କେବେ
ପ୍ରତିଶ୍ରୁତିରୁ ପାପୁଲିଏ ଛଳନା ତ
କେବେ ପ୍ରତାରଣା;
ସେ ଏକ ମୃଗତୃଷ୍ଣା
ବାରମ୍ବାର ବଦଳିଛି ପରିଚୟ
ତା' ସହ ମୋର ଯନ୍ତ୍ରଣା
ସୀମା ଲଙ୍ଘେ ବେଦନା
ଯେବେ ମୋ' ଭିତରେ କୁହୁଳେ
ଦୂର ଅତୀତର ଅଫେରା ସଂପର୍କ
ଆଉ ତୁମ ପ୍ରତାରଣା ।

**ରେଞ୍ଚ, ପୁରୀ**



# ପ୍ରତାରଣା

**ରମେଶ ଚନ୍ଦ୍ର ମିଶ୍ର**

ପଥପ୍ରାନ୍ତ ଏହି ରଙ୍ଗମଞ୍ଚରେ
ସାଜିଲି ମୁଁ ଖଳନାୟକ
କିଏ ଜାଣିଥିଲା ମିଛ ଅଭିନୟ
ହେବ ମୋ' ପାଇଁ କଳଙ୍କ ।୦।

ମିଛ ମିଛ କଥା ତାଳୁରେ ଲାଗିଲା
ସରାଗ ତୁମର ଫିକା ହୋଇଗଲା
ଏତେ ଭଲପାଇ କେମିତି ଭୁଲିଲ
ମୁଁ ପରା ମଥା ତିଳକ ।୧।

ଦଣ୍ଡେ ନ ଦେଖିଲେ ଯୁଗେ ମଣୁଥିଲ
ମାନ ଅଭିମାନ ରାଗ ରଷା ଗେଲ
ତୁମେ ସହଜରେ ସିନା ଭୁଲିଗଲ
ଝୁରିବି ମୁଁ କାଳକାଳକ ।୨।

ଭଲ ପାଇବାର ମିଛ ଅଭିନୟ
କରି ଦେଲ ଯାହା ଯାତନା ଦୁଃସହ
ସରଗର ସୁଖ ଆଶା କରୁ କରୁ
ଭୋଗୁଛି ଯାହା ନରକ ।୩।

ତାପସ କୁଟୀର, ବଇଣ୍ଡା,
ଅନୁଗୋଳ

# ପ୍ରତାରଣା

ଜ୍ୟୋତି ପ୍ରଭା ପଟ୍ଟନାୟକ



ମୋ' ମନ ମୟୂରୀ ଝୁରେ ତୁମପାଇଁ
ତୁମେ କି ପାରୁନ ଜାଣି
କେଉଁ ଦୋଷ ଦେଖି
ଗଲ ହେ ଉପେକ୍ଷି
ମନ ନେଇଥିଲ କିଣି
ଅକୁହା ବେଦନା ଲୁହର ଖଜାନା
ଝୁରୁଛି ତୁମକୁ ନିତି
ପ୍ରତାରଣା କରି ଦୂରେ ଗଲ ବନ୍ଧୁ
ଅଭିସାର ହେଲା ଇତି।

କେତେ ଯେ ସପନ
ବୁଣିଥିଲେ ଦିନେ
କେଉଁ ବିପର୍ଯ୍ୟୟ
ଆସିଲା ଗୋପନେ
ତୁମର ସ୍ମୃତିକୁ ସାଇତି ରଖିଛି
ଦୁନିଆଁ ଆଖିରେ ସଧବା ସାଜିଛି
କହିଦେଇଥିଲେ ଗୋପନ ପ୍ରଣୟ
ପ୍ରତାରିତା କି ହୁଅନ୍ତି ?
ପ୍ରତାରଣା କରି ଚାଲିଗଲ ବନ୍ଧୁ
ଅଭିସାର ହେଲା ଇତି।

ଅବ୍ୟକ୍ତ ଭାବନା ଅକୁହା ଯନ୍ତ୍ରଣା
ଲୁହ ପିଇ ନିଜେ ହସେ
କିଛି ନ ମାଗିବି ସବୁ ଦେଇଥିଲ
ପ୍ରେମ ପାରିଜାତ ସ୍ପର୍ଶ
କହିଯାଅ ମୋର କାନେ
ପ୍ରତାରଣା କିଏ କାହାକୁ ଦେଇଛି
ସବୁ ରହିଛି ଗୋପନେ
ପ୍ରେମ ଶାଶ୍ୱତ ସମ୍ପତି
ପ୍ରତାରଣା କରି ଚାଲିଗଲ ବନ୍ଧୁ
ଅଭିସାର ହେଲା ଇତି।

ଖୋର୍ଦ୍ଧା



# ପ୍ରତାରଣା

**ଶୋଭାଗିନୀ ନନ୍ଦ**

ହୃଦୟ ବିଦାରକ ମର୍ମଦାୟକ
ବିରହ ବେଦନାରେ ଝରଇ ଲୋତକ
ବିଶ୍ୱାସ ବାହାନାରେ ଛଳନା ପ୍ରେମ କରି
ମଣିଷ ଆଜି ପ୍ରେମ ପ୍ରତାରଣାରେ
କରେ ସର୍ବନାଶ ।

ସୌନ୍ଦର୍ଯ୍ୟ ବିଶ୍ୱାସର ମୁଖା ତଳେ
ଭରିଥାଏ ପ୍ରତାରଣର କାଳ
ସର୍ପର ଜହର,
ମିଠାମିଠା ସୁରଭିରେ  ମୋହି
ନିଏ ସଭିଙ୍କ ହୃଦୟ ମନ୍ଦିର ।

ଦୂରକୁ  ସୁନ୍ଦର ଥିବା ପଳାଶ ଫୁଲର
ଲାଲରଙ୍ଗ ଭରା ବାସନା ହୀନ ସୁମନ
ପ୍ରତାରଣା ଭରା ମିଠାମିଠା
ରଙ୍ଗଦିଆ ମଧୁଭରା  ବଚନ ।
ଆଜି ପ୍ରେମ ନୁହେଁ ଶାଶ୍ୱତ ଚିରନ୍ତନ
ବିଶ୍ୱାସ ଭରସା ପୂଜାର ମନ୍ଦିରର ମିଳନ ।
ପ୍ରେମରେ ପ୍ରତାରଣା ସାଜିଛି ଆଜି
ହୃଦୟର ସ୍ପନ୍ଦନ ।

ଜୟପୁର, କୋରାପୁଟ

# ପ୍ରତାରଣା

**ଡ. ଚପଳା ପଣ୍ଡା**



ପ୍ରତାରଣା ଏକ ଏପରି ଶବ୍ଦ
ଜୀବନ ଆକାଶେ ଆଣେ ପ୍ରମାଦ
          କଳପଟା ଦାଗ ପରି,
ଯେତେ ଲିଭାଇଲେ
ଲିଭିବନି ପରା
ଡଷ୍ଟର ଗଲେ ବି ଘୋରି।
ପ୍ରେମ ପ୍ରତାରଣା ଜୀବନେ ବିଷ
ଡାକେ ଆତ୍ମହତ୍ୟା ସାରେ ଆୟୁଷ
          ବିଶ୍ୱାସରେ ବିଷ ଭରି,
ପ୍ରତାରଣା ଶବ୍ଦ
ମହାକାଳ ପରି
କବଳିତ କରେ ଧରି।
ପରକୀୟା ପରଦାରା ପୀରତି
ପ୍ରତାରଣା ଆଣେ ବଡ଼ ଦୁର୍ଗତି
          ପ୍ରେମ ପ୍ରତାରଣା ଛନ୍ଦ,
ଜୀବନ ଆକାଶେ
ଅମା ଅନ୍ଧକାର
ପ୍ରତାରଣା ବଡ଼ ଗନ୍ଧ।

କ୍ଷମତା ଲୋଭରେ ମନ ବ୍ୟାକୁଳ
ପ୍ରତାରଣା ଶବ୍ଦ ମେଲାଏ ଡାଳ
          ହତ୍ୟା ଲୁଣ୍ଠନର ଛବି,
ହାଟ ବଜାରରେ
ବିକ୍ରି ହୋଇଯାଏ
ମାନବିକତାର ଚାବି।
ଭାଇ ଭାଗବଣ୍ଟା ଧନରେ ଆଶା
ପ୍ରତାରଣା ଶବ୍ଦେ ତୁଟେ ଭରସା
          କଟିଯାଏ ଭାଇଚାରା,
ଯୌଥ ପରିବାର
ଭାଗ ଭାଗ ହୁଏ
ପ୍ରତାରଣା କାଟେ ଶିରା।

**ଖୋର୍ଦ୍ଧା**

# ପ୍ରତାରଣା

**ସନ୍ତୋଷିନୀ ଦାଶ**



ପ୍ରତିଶ୍ରୁତି ଦେଇ ରଖି ନ ପାରିଲେ
ପ୍ରତାରଣା ବୋଲି କହି
ପ୍ରତାରିତ ବ୍ୟକ୍ତି ଧୈର୍ଯ୍ୟହରା ହୁଏ
କେବେ ନ ପାରି ସହି

ପ୍ରେମ ସପ୍ତାହରେ ପ୍ରେମିକ ପ୍ରେମିକା
ପ୍ରେମରେ ହୋଇ ବିଭୋର
କଥା ଦେଇଥାନ୍ତି ଏକକୁ ଆରେକ
କରିନେଲେ ଆପଣାର

ପ୍ରେମ ମୋହ ତାଙ୍କ ଭାଙ୍ଗିଗଲା ପରେ
କରିଥାନ୍ତି ପ୍ରତାରଣା
ପ୍ରତାରିତ ବ୍ୟକ୍ତି ଦିବସେ ଚନ୍ଦ୍ରମା
ଦେଖି ହୁଏ ବାଟବଣା

ଭୋଟ ପାଇବାକୁ କୁଜି ନେତାମାନେ
କେତେ କଥା କହିଥାନ୍ତି
ଭୋଟ ଶେଷ ହେବା ପରେ ସେ କଥାକୁ
ପୂରାପୂରି ଭୁଲିଯାନ୍ତି

ହାତୀ ଦେବି ମୁହିଁ ଘୋଡ଼ା ଦେବି ମୁହିଁ
ପେଁକାଳି ବଜାଇ ଦିଅ
ପେଁକାଳିଟା ଥରେ ବାଜିଗଲା ପରେ
କେହି ବି କାହାରି ନୁହଁ

ପ୍ରତାରଣା ବିଷ କରଇ ବିନାଶ
ସମ୍ପର୍କର ଦୃଢ ସେତୁ
ଯେତେ ଚେଷ୍ଟା କଲେ ଯୋଡ଼ିହୁଏ ନାହିଁ
ଲାଗିଗଲେ ରାହୁ କେତୁ

ପ୍ରେମରେ ବିଭୋର ପ୍ରୀତିରେ ତନ୍ମୟ
ହୋଇ ପାଳ ପ୍ରେମ ଦିବସ
ପ୍ରତାରଣା କେହି କାହାକୁ କର ନା
ଭାଙ୍ଗ ନାହିଁ ଆଶା ବିଶ୍ୱାସ

ବରଗଡ଼



# ପ୍ରତାରଣା

**ବସନ୍ତ କୁମାର ସାହୁ**

କି ମଧୁର ସତେ ସୁଗନ୍ଧ ଫୁଲରେ
କଇଁ ଯେବେ ମନ ମାରେ
ଚନ୍ଦ୍ର ହସି କହେ ଜୋଛନା ରାତିରେ
ତୁମକୁ ମୁଁ ଝୁରି ମରେ॥
ପଦ୍ମ ମାନ କରେ ସୁରୁଜ ନଥିଲେ
ମେଘ ଯେବେ ଢାଙ୍କି ଦିଏ
ମଉନା ବତୀର ମାନ ଭଞ୍ଜନରେ
ସୂର୍ଯ୍ୟ ଲାଗେ ତା' ସଙ୍ଗରେ॥
ପ୍ରତାରଣା କରେ ପ୍ରକୃତି ସଙ୍ଗରେ
ବିଶୃଙ୍ଖଳ ଋତୁଚର୍ଯ୍ୟେ
ଖଣି ଖାଦାନକୁ ବଣ ପାହାଡ଼କୁ
ଲଗାଇ ନିଜର କାର୍ଯ୍ୟେ॥
ପ୍ରକୃତି ରାଗିଛି ଧ୍ୱଂସ କରିଦେବ
ସୁନ୍ଦର ଏ ଧରାଧାମ
ପ୍ରତାରଣା ନୁହେଁ ପ୍ରତିଶୋଧ ନେବ
କର କାହିଁ ବ୍ୟତିକ୍ରମ ॥
ମନ ଭାଙ୍ଗିଯାଏ ପ୍ରତାରଣା କଲେ
ଜୀବନଟା ଅକାରଣ
ଅତି ଇତି ହୁଏ ବିଷ ଭରିଯାଏ
ବଞ୍ଚିବା ହୁଏ ମରଣ॥
ପ୍ରେମ ସୁଧା ମଧୁ ପିଇଥାଏ ସାଧୁ
ଈଶ୍ୱର ସୃଷ୍ଟି ଅମୃତ
ପାନକଲା ଲୋକ ଜାଣିଛି ତା' ଭାବ
କରନାହିଁ ପ୍ରତାରିତ॥

ଦେଉଳି, ଖୋର୍ଦ୍ଧା

# ପ୍ରତାରଣାର ରୂପ



**ରୋଜାଲିନ ପଟ୍ଟନାୟକ**

ଶବ୍ଦକୋଷେ ଏକ  ଶବ୍ଦ ପ୍ରତାରଣା
ଯାହାର ଅର୍ଥ ଅଟେ ବିଷ ବିଶ୍ବାସରେ,
ଜନତାର ପାଶେ ଏହି ଯେ ଧାରଣା,
କେବଳ ଯେ ଅବିଶ୍ୱାସ ପ୍ରେମ କ୍ଷେତ୍ରରେ ।୧।
ବାନ୍ଧିରଖେ ପଶୁପକ୍ଷୀମାନଙ୍କୁ ଯେ
ବାହାନା କରଇ ପାଉଛି ଭଲ,
ଜାଣି ପାରେନାହିଁ ଜନତା ଯେ ନିଜେ
ପ୍ରକୃତି ସାଂଗରେ ସେ କରୁଛି ଖେଳ।୨।
ଜୀବଜନ୍ତୁ,  ବୃକ୍ଷ କରନ୍ତି ସାହାଯ୍ୟ
ଜନତାକୁ କେତେ ବିଶ୍ୱାସ କରି,
କିଛିକ୍ଷଣ ପରେ ହରାନ୍ତି ବଂଶଜ,
ନୁହେଁ କି ପ୍ରତାରଣା କୁହ ବିଚାରି?।୩।
ପିତାମାତା ଯେବେ ରକତ ନିଗାଡ଼ି
ସନ୍ତାନକୁ ଦେଇଥାନ୍ତି ଜୀବଦାନ,
ସେଇ ସନ୍ତାନଟି ଘରୁ ଦେଲେ ତଡ଼ି,
ନୁହେଁ କି ତାହା ପ୍ରତାରଣା ସମାନ? ।୪।
ଯଦି ବା କାହାକୁ ପ୍ରତାରିତ କର
ନିଜପାଇଁ ତାହା ରହେ ଗଚ୍ଛିତ,
ବେଳ ଥାଉଥାଉ ନିଜକୁ ସଜାଡ଼
ପୁଷ୍ପମୟ ହେଉ ଜୀବନ ପଥ।୫।

ଏଏଏ, ଖୋର୍ଦ୍ଧା

# ପ୍ରତାରଣା



ଡ. ଗୁରୁପ୍ରସାଦ ମହାପାତ୍ର

ସାମାନ୍ୟ କଥନ
----------------
ଅନେକ କହନ୍ତି ପ୍ରେମ ଚିରନ୍ତନ
ଶାଶ୍ୱତ ସଂସାର ପାଇଁ ।
ଯାଲାଗି କାନ୍ଦନ୍ତି ଗୋପେ ଗୋପାଙ୍ଗନା
ରାଧାରାଣୀ, ମୀରାବାଈ ।
ବୁଝିବାର ଅଛି ସେ ପ୍ରେମ ନୁହଁଇ
"ଛାତି ଚିରିଦେଲେ ତୁ" ।
ପ୍ରେମ ବାହାନାରେ ଅସଭ୍ୟ ଭାବନା
ସଦାକାଳେ ଥୁ ଥୁ ।

ପ୍ରମାଣ
-------
ପ୍ରେମ ଫ୍ରେମ କଥା ମୋତେ କୁହ ନାହିଁ
କରିଥିଲି ପ୍ରେମ ଥରେ
ହୋଇଥିଲା ଯିଏ ମନର ମାନସୀ
ଜୀବନର ପଥଧାରେ
ଧିରେ ସେ ଗଲା ଦୂରେଇ
"କାହିଁକି ଠକିଲ" ? ପ୍ରଶ୍ନକୁ ଉତ୍ତର
ସବୁ ଟାଇମ୍ ପାସ୍ ପାଇଁ ।

ଯିଏ ଭୁଲିଗଲା ଭଲରେ ରହିଲା
ସେ ହେଲା ବାସ୍ତବବାଦି
ନ ଭୁଲିଲା ଯିଏ କାନ୍ଦି ମଲା ସିଏ
କୋହକୁ ଛାତିରେ ଖୁନ୍ଦି
ସଂସାର କହିଲା ଓଲା
ଥୋକେ ପଚାରିଲେ ପ୍ରେମ କରିବାକୁ
ତୋତେ କିଏ କହୁଥିଲା ?

ନିଜେତ ଫସିଛି ଅଡୁଆ ଫାଶରେ
କାହାକୁ ବା ଦୋଷ ଦେବି ?
ମୋ' ମାଙ୍କେଡ଼ି ଯଦି ମୋତେ ଖିଙ୍କାରିଲା
କହ କା' ଆଗେ କହିବି ?
କାନ୍ଦ ଫାନ୍ଦ ସବୁ ଥାଉ
କାନ ମୋଡ଼ିହେଲି ଜୀବନରେ କେବେ
ପ୍ରେମ ନ କରିବି ଆଉ ।

ଖୋର୍ଦ୍ଧା

# ଆଉ ମନେନାହିଁ



**ନିଶିକାନ୍ତ କହଲସିଂହ**

ଆଉ ଝରୁନାହିଁ
ତୁମରି ଓଠରୁ
ମମତାର ମଧୁଗୀତି,
ଆଉ ମୋତେ ଭଲ-
ଲାଗୁନାହିଁ କାଇଁ
ଚାରୁ ଚାନ୍ଦିନୀ ରାତି...।।୦।।

ସିକ୍ତ ସିକତା-
ବେଳା ପରେ ଆଉ
ପଡୁନାହିଁ ତୁମ ଛାଇ
ମୁଁ ଜାଳୁନି ଆଉ
ତୁମପାଇଁ ଦୀପ
କେଉଁ ମନ୍ଦିର ଯାଇ,
ପାଦଚିହ୍ନ ଦେଖି
ଉପହାସ କରେ
ଦୂର ତାଳବଣ ବୀଥି...।।୧।।

ସାଜିଲି ମୁଁ ଏକ
ସତିଆ ପୁରୁଷ
ତୁମ ଚିଠି ଚିରିଦେଇ
ତୁମେ ହେଲ ସତୀ
ବାସର ରାତିରେ
କୂଳଦୀପ ହାତେ ଛୁଇଁ,
ଆଉ ମନେନାହିଁ
ଗତ ମିଳନର
କେଉଁ ବାର କେଉଁ ତିଥି...।।୨।।

**ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା**



# ପ୍ରତାରଣା

**ଯମେଶ୍ୱର କହଳସିଂହ**

ତୁମ ପଣତରେ
ପଣବନ୍ଦୀ ହେଲି
ସପନ ହୋଇଲା ସାକାର,
ବସ୍ମାୟିତ ତନୁ
ଫୁଲ ବଗିଚାରେ
ଦେଖିଲି କୁସୁମ ସମ୍ଭାର ।। ୦ ।।

ଭଲ ପାଇବାର
ଶିଉଳି ତୁଠରେ
ପାଦ ମୁଁ ଖସେଇ ଦେଲି
ତୁମ ପାଇଁ ମିଠା -
ସପନ ଦେଖିଲି
ମନର ଝରକା ଖୋଲି,
ମୁଦା ଲଫାପାରେ
ଭେଟିଦେଲ ଦିନେ
ପ୍ରତାରଣା ପ୍ରୀତି ନିର୍ଝର ।। ୧ ।।

ଅଳପ ବୟସୀ
ରୂପରେ ରୂପସୀ
କଅଁଳ କାକୁଡି କଷି
ତୁମ ପ୍ରତାରଣା
ଜଳ ଭଉଁରୀରେ
ଅଜାଣତେ ଗଲି ଭାସି,
ଆଉ କା' ମନର
ମନ୍ଦିରେ ତୁମେ
ଜାଳୁଥିଲ ବସି ଜାଗର ।। ୨ ।।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା

# ପ୍ରତାରଣା

## ସେବତୀ ପରିଡା

ସମୁହ କଲ୍ୟାଣ ସାଧନ ନିମିତ୍ତ
ଗଢାହୁଏ ଯେଉଁ ଘର,
ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ବିକାଶେ
ତା' ନାମ ସାହିତ୍ୟ ଘର ।

ବରିଷ୍ଠ, କନିଷ୍ଠ, ଛାତ୍ରଠୁ ଶିକ୍ଷକ
ସଭିଏଁ ସଦସ୍ୟ ତା'ର
ପ୍ରତିଷ୍ଠା ଦିନରୁ ଏଇ କଥାଗୋଟି
ଛୁଇଁଛି ସବୁ ଅନ୍ତର ।


ଉଚ୍ଚଶିକ୍ଷା ସିନା ମଣିଷକୁ ଦିନେ
ସମାଜେ ପ୍ରତିଷ୍ଠା କରେ,
ସଂସ୍କାର ନଥିଲେ ସମ୍ମାନ ମିଳେନା
ଭାବିଦେଖ ଏହା ଥରେ ।

ମଞ୍ଚ ଆସନରେ ବସିବାକୁ ତୁମ
ଯୋଗ୍ୟତା ଅଛିକି ନାହିଁ
ନିଜକୁ ପଚାରି ନିଜେ ହିଁ ବିଚାରି
ନିଜେ ହିଁ ପାରିବ କହି ।

ବୟସରେ ସାନ ହେଉ ଅବା ବଡ
ପ୍ରତିଭା ପାଖରେ ଥାଇ,
କୁବିଚାରେ ଯିଏ ବଞ୍ଚିତ କରେ
ମନେ ଘୃଣାଭାବ ବହି ।

ଯା' ପାଇଁ ସମାଜେ ପରିଚୟ ,
ଯଦି ତା' ପାଇଁକି ପ୍ରବଞ୍ଚନା,
କହିବ କି ବନ୍ଧୁ ସମ୍ପର୍କର ନାମ
ଛଳନା କି ପ୍ରତାରଣା ?

ସ୍ନେହ ନିଳୟ, ବୋଲଗଡ, ଖୋର୍ଦ୍ଧା



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଇ
ସହଯୋଗୀ ସମ୍ପାଦକ